**ସ୍କୁଲରେ ଜେଜେ ମା' ଜେଜେ ବାପା ସମ୍ମିଳନୀ**

ଗୁଣପୁର,(ପ୍ରଦୀପକୁମାର ପାଢ଼ୀ)-ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜେଜେବାପା ଜେଜେମାଆ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏହି ଅବସରରେ ବ୍ରହ୍ମପୁର ଗଜପତି ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସୁନୀଲ ଗୌଡ ମୁଖ୍ୟ ଅତିଥି ଏବଂ ଉକ୍ତ ଅନୁଷ୍ଠାନର ସମ୍ପାଦକ ଅନ୍ତର୍ଯ୍ୟାମୀ ଗୌଡ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ଶତପଥୀ ଉଦ୍ଦେଶ୍ୟ ପ୍ରତିପାଦନ କରିଥିଲେ। ଅନୁଷ୍ଠାନର ସଭାପତି ବି ଗଜପତି ରାଓ, ଉପସଭାପତି ମୋହନ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ପି. ଗୋବିନ୍ଦ ରାଓ ଓ ସଦସ୍ୟା କୈକେୟୀ ଶବର କାର୍ଯ୍ୟକ୍ରମ ତଦାରଖ କରିଥିଲେ।



**ସଂକ୍ଷେପରେ**

## ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ଗୁଣପୁର, ୩।୧୨ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୮ତମ ବାର୍ଷିକ କ୍ରୀଡା ସମାରୋହ ରବିବାର ଉଦ୍‌ଯାପିତ ହୋଇଛି। ଏହି ଅବସରରେ ଭାମିନୀ ଆଇ.ଆର୍.ବି.ଏନର ଡେପୁଟି କମାଣ୍ଡାଣ୍ଟ ବିଧୁଭୂଷଣ ଉଦ୍‌ଗାତା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବାବେଳେ ଗୁଣପୁର ଥାନା ଆଇଆଇସି ଉତ୍ତମ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଆଚାର୍ଯ୍ୟା ଶ୍ରୀମତୀ ସନ୍ତୋଷୀ ମହାପାତ୍ର ସଂଯୋଜନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ରାୟଗଡ଼ା ଜିଲାର ସଂଘ ଚାଳକ ନନ୍ଦିକେଶ୍ୱର ଚୌଧୁରୀ ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତି ବି ଗଜପତି ରାଓ,ଉପସଭାପତି ମୋହନ ଚନ୍ଦ୍ର ସାହୁ ଯୁଗ୍ମ ସମ୍ପାଦକ ମୀନକେତନ ପଣ୍ଡା, କୋଷାଧ୍ୟକ୍ଷ ପି ଗୋବିନ୍ଦ ରାଓ ଓ ସଦସ୍ୟା ପ୍ରତିଭା ରଥ ଉପସ୍ଥିତ ରହି କାର୍ଯ୍ୟକ୍ରମ ତଦାରଖ କରିଥିଲେ । ଶିଶୁ ମାନେ ଶାରୀରିକ ସାହସିକତା ପ୍ରଦର୍ଶନ ସ୍ୱରୂପ ପିରାମିଡ, ଯୋଗଚାପ ଅଗ୍ନି ବଳୟ ପ୍ରଦର୍ଶନ କରିଥିଲେ । ଶେଷରେ ବିଭିନ୍ନ ଖେଳରେ କୃତିତ୍ୱ ଅର୍ଜନ କରିଥିବା ଶିଶୁଙ୍କୁ ପୁରସ୍କୃତ କରାଯାଇଥିଲା ।

## ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ

ଅମ୍ବଦଳା,୩।୧୨ (ରବିନ୍ଦ୍ର କୁମାର ପଣ୍ଡା)

ବିଷମ କଟକ ତାଲୁକ ଆଇନ ସେବା କମିଟି ତରଫରୁ ଅମଳାଭଟ୍ଟା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ରବିବାର ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି। ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ବିଷମକଟକ ସିଭିଲ କୋର୍ଟର ବରିଷ୍ଠ ଦେୱାନୀ ବିଚାରପତି ପବିତ୍ରାନନ୍ଦ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଷମକଟକ କୋର୍ଟର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅଶ୍ୱିନୀ କୁମାର ସାହୁ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି ଭାବରେ ମୁନିଗୁଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟର ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିତମ କୁମାର ତନ୍ତୀ ଯୋଗ ଦେଇଥିବାବେଳେ ବିଷମକଟକ ବାର୍ ଆସୋସିଏଶନର ବରିଷ୍ଠ ଅଧିବକ୍ତା ଅମିତ କୁମାର୍ ଗୌଡ଼, ଶାରଦା ପ୍ରସାଦ ସିଂ ଓ ମନମୋହନ ପାତ୍ର ଯୋଗଦାନ କରିଥିଲେ। ସ୍ଥାନୀୟ ସରପଞ୍ଚ ଗୁରୁବାରୀ ଭୋଇ ଓ ସ୍ଥାନୀୟ ସମିତି ସଭ୍ୟ ମିତାଞ୍ଜଳି ନାୟକ ଉପସ୍ଥିତ ଥିଲେ । ମୁନିଗୁଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟର କନିଷ୍ଠ ସହାୟିକା କଳ୍ପନା ସାହୁ ଏବଂ ସ୍ଥାନୀୟ ଅମଳାଭଟ୍ଟା ପଞ୍ଚାୟତ ସମିତି କାର୍ଯ୍ୟାଳୟର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୋବିନ୍ଦ ସୁନା ସହଯୋଗ କରିଥିଲେ । ଭିନ୍ନକ୍ଷମମାନଙ୍କ ପାଇଁ ପ୍ରଯୁଜ୍ୟ ସରକାରଙ୍କର ବିଭିନ୍ନ ଯୋଜନା ଏବଂ ମାଗଣା ଆଇନଗତ ସହାୟତା ଉପରେ ଆଲୋଚନା କରାଯାଇଥିଲା।

# ଆନ୍ଧ୍ରକୁ ବେଆଇନ ବାଲି ଚାଲାଣ, ୭ ଲକ୍ଷ ଜରିମାନା

ରାୟଗଡ଼ା,୩।୧୨ (ଆଶିଷ ରଞ୍ଜନ ପଣ୍ଡା)

■ ଘଟଣା ଚପାଇଦେବାକୁ ଚାଲିଛି ଉଦ୍ୟମ

■ ବିଭାଗୀୟ ଅଧିକାରୀଙ୍କୁ ଅଦୃଶ୍ୟ ଚାପ

ରାୟଗଡ଼ା ବ୍ଲକ୍ ଶେଷଖାଲ ଥାନା ଅନ୍ତର୍ଗତ ଖିଲମିସଗୁଡ଼ା ବାଲିଘାଟରୁ ଆନ୍ଧ୍ରପ୍ରଦେଶକୁ ବେଆଇନ ଭାବେ ଟିପ୍ପର ଯୋଗେ ବାଲି ଚାଲାଣ ହେଉଥିଲା । ଖବରପାଇ ଶନିବାର ମାଇନିଂ ବିଭାଗ ଓ ତହସିଲ ପକ୍ଷରୁ କେରଡ଼ା ନିକଟରେ ଚଢ଼ାଉ କରାଯାଇ ୭ଟି ଟିପ୍ପରକୁ ୧ଲକ୍ଷ ଟଙ୍କା ଲେଖାଏଁ ଜରିମାନା କରାଯାଇଛି । ୱାଇ ଫର୍ମ ନ ଥାଇ ବେଆଇନ ଭାବେ ଆନ୍ଧ୍ରପ୍ରଦେଶକୁ ବାଲି ଚାଲାଣ ହେଉଥିବାରୁ ଏହି ଜରିମାନା କରାଯାଇଥିବା ମାଇନିଂ ଅଫିସର ପର୍ଶୁରାମ ପ୍ରଧାନ କହିଛନ୍ତି। ତେବେ ଏହି ଘଟଣାକୁ ଚପାଇଦେବାକୁ ଉଦ୍ୟମ ଚାଲିଥିବା ଅଭିଯୋଗ ହୋଇଛି। ରାୟଗଡ଼ା ତହସିଲ ଏବଂ ମାଇନିଂ ବିଭାଗ ଏ ନେଇ କୌଣସି ସୂଚନା ଗଣମାଧ୍ୟମକୁ ଦେବାକୁ ଚାହୁଁନାହାନ୍ତି।

ସୂଚନାଯୋଗ୍ୟ ଯେ, ରାୟଗଡ଼ା ତହସିଲରେ ରହିଥିବା ବାଲିଘାଟଗୁଡ଼ିକରେ କୌଣସି ସିସିକ୍ୟାମେରା ବ୍ୟବସ୍ଥା କରାଯାଇ ନ ଥିବାବେଳେ ବେଆଇନ ଭାବେ ମେଶିନ୍ ସାହାଯ୍ୟରେ ପର୍ଯ୍ୟାପ୍ତ ପରିମାଣର ବାଲି ଖନନ କରାଯାଇ ପଡ଼ୋଶୀ ଆନ୍ଧ୍ରପ୍ରଦେଶକୁ ଚାଲାଣ କରାଯାଉଛି । ଏଭଳିକି ଆବଶ୍ୟକ ୱାଇ ଫର୍ମ ମଧ୍ୟ କଟାଯାଉନାହିଁ। ଫଳରେ ରାଜ୍ୟ ସରକାରଙ୍କ ବ୍ୟାପକ ରାଜସ୍ୱ ହାନି ଘଟୁଛି। ଅନ୍ୟପକ୍ଷରେ ଟେଣ୍ଡର ଆବେଦନ ସମୟରେ ରହିଥିବା ନିୟମାବଳୀକୁ ଉଲ୍ଲଂଘନ କରି ଆବଶ୍ୟକତାଠାରୁ ଅଧିକ ମାତ୍ରାରେ ବାଲି ଖନନ କରାଯାଇ ଚୋରାରେ ଚାଲାଣ କରାଯାଉଛି । ବ୍ୟାପକ ବାଲି ଖନନ ଯୋଗୁ ନଦୀର ଗତିପଥ ବଦଳିବାରେ ଲାଗିଛି । ନଦୀ ଜନବସତିମୁହାଁ ହୋଇ ବିଭିନ୍ନ ସ୍ଥାନରେ ମାଟି ଅତଡ଼ା ଖସୁଛି। ଏଥିସହିତ ନଦୀ ଆବଶ୍ୟକତାଠାରୁ ଅଧିକ ସମ୍ପ୍ରସାରଣ ହେଉଥିବା କାରଣରୁ ଗ୍ରୀଷ୍ମ ଋତୁରେ ନଦୀରେ ଜଳର ମାତ୍ରା କମିଯାଉଛି। ମାଇନିଂ ଅଫିସର ପର୍ଶୁରାମଙ୍କୁ ଏହି ଘଟଣା ବିଷୟରେ ପଚାରିବାରୁ ଖିଲମିସଗୁଡ଼ାଠାରୁ ବାଲି ବିନା ୱାଇ ଫର୍ମରେ ଚାଲାଣ ହେଉଥିବା ଏବଂ ପ୍ରତ୍ୟେକ ଗାଡ଼ିରୁ ୧ଲକ୍ଷ ଟଙ୍କା ଲେଖାଏଁ ଜରିମାନା ଆଦାୟ କରାଯାଇଥିବା କହିଥିଲେ । ଅଧିକ ତଥ୍ୟ ପାଇଁ ତହସିଲ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ କହିଥିଲେ । ଏ ନେଇ ରାୟଗଡ଼ା ତହସିଲର ଅତିରିକ୍ତ ତହସିଲଦାର ଦେବାଶିଷ ବିଶ୍ୱାସଙ୍କୁ ପଚାରିବାରୁ ସେ ଏ ବିଷୟରେ ମାଇନିଂ ଅଫିସରଙ୍କୁ ପଚାରିବାକୁ କହିଥିଲେ । ତେବେ ଏହି ଘଟଣାରେ ଉଭୟ ବିଭାଗ ଅଧିକାରୀ ଅନ୍ୟ ଜଣଙ୍କୁ ତଥ୍ୟ ମାଗିବାକୁ କହୁଥିବା ଘଟଣା ଚପାଇଦେବାକୁ ଉଦ୍ୟମ କରୁଥିବା ନେଇ ସାଧାରଣରେ ଆଲୋଡ଼ନ ସୃଷ୍ଟି କରିଛି ।

# ଗୁପ୍‌ଚୁପ୍ ବିକି ଗୁଜରାଣ ମେଣ୍ଟାଉଛନ୍ତି ଦମ୍ପତି



ଗୁପଚୁପ ଦୋକାନ ଦେଇଥିବା ଭିନ୍ନକ୍ଷମ ଦମ୍ପତି ।

ଟିକିରି, ୩।୧୨ (ପ୍ରଫୁଲ କୁମାର ବେହେରା)

**ଦିବ୍ୟାଙ୍ଗ ହୋଇ ମଧ୍ୟ ହାର ମାନିନାହାନ୍ତି**

ଏଭଳି ଏକ ଦମ୍ପତି, ଯିଏ ଜନ୍ମରୁ ଶୁଣିପାରନ୍ତି ନାହିଁ, କି କଥା କହିପାରନ୍ତି ନାହିଁ । ହେଲେ ଏଭଳି ପରିସ୍ଥିତିରେ ହାର ମାନିନାହାନ୍ତି ଦିବ୍ୟାଙ୍ଗ ଦମ୍ପତି। ସେ କାହା ଆଗରେ ହାତପାତି ମାଗିନାହାନ୍ତି, କି ପରିବାର ଉପରେ ବୋଝ ହୋଇନାହାନ୍ତି। ନିଜେ ଏକ ଠେଲାରେ ଗୁପଚୁପ ଓ ଦହିବରା ବିକ୍ରି କରି ଉଦାହରଣ ସାଜିଛନ୍ତି ରାୟଗଡ଼ା ଜିଲା ଟିକିରି ବସଷ୍ଟାଣ୍ଡରେ ରହୁଥିବା ରବୀନ୍ଦ୍ର ପାଢୀ ଓ ତାଙ୍କ ସ୍ତ୍ରୀ ଗାୟତ୍ରୀ ଦ୍ୱିବେଦି। ଉଭୟ କଥା କହିପାରୁ ନ ଥିଲେ ମଧ୍ୟ ଉଭୟ ଦମ୍ପତି ଗ୍ରାହକଙ୍କ ମନ କଥାକୁ ବେଶ୍ ଭଲ ଭାବରେ ବୁଝି ପାରନ୍ତି। ସେମାନେ ଠାରରେ ହିଁ ଗ୍ରାହକଙ୍କ ସହିତ ଭାବ ଆଦାନପ୍ରଦାନ କରି ବେପାର କରୁଛନ୍ତି।

କାଶୀପୁର ବାସିନ୍ଦା ତ୍ରିନାଥ ପାଢୀଙ୍କ ବଡ ପୁଅ ରବିନ୍ଦ୍ର ପାଢୀ ଜନ୍ମରୁ ମୂକ ଓ ବଧିର। ସେ +୨ ସହ ଫିଟରରେ ଆଇଟିଆଇ କରି ଘରେ ବସି ରହିଥିଲେ। ପରେ ସେ ଭୁବନେଶ୍ୱରରେ ରହୁଥିବା ଜୟନ୍ତ କୁମାର ଦ୍ୱିବେଦୀଙ୍କ ଦିବ୍ୟାଙ୍ଗ ଝିଅ ଗାୟତ୍ରୀଙ୍କ ସହ ବୈଦିକ ରୀତିରେ ଗତ ୨୦୨୨ ଜୁଲାଇରେ ବିବାହ କରିଥିଲେ । ତ୍ରିନାଥ ପାଢୀଙ୍କ ପରିବାର କାଶୀପୁରରୁ ଟିକିରି ଆସି ଏକପୂଜା ଭଣ୍ଡାର ଦୋକାନ କରି ଗୁଜରାଣ ମେଣ୍ଟାଉଛନ୍ତି। ରବୀନ୍ଦ୍ରଙ୍କ ସାନ ଭାଇ ଓ ଭଉଣୀଙ୍କ ଉଦ୍ୟମରେ ଏକ ଠେଲା ତିଆରି କରି ଦେଲାପରେ ଉଭୟ ଦମ୍ପତୀ ଟିକିରି ବସଷ୍ଟାଣ୍ଡରେ ଗୁପଚୁପ ଓ ଦହିବରା ବିକ୍ରିକରି ଭଲ ଦୁଇ ପଇସା ରୋଜଗାର କରିପାରୁଛନ୍ତି। ରବୀନ୍ଦ୍ରଙ୍କୁ ଭିନ୍ନକ୍ଷମ ଭତ୍ତା ୭୦୦ ଟଙ୍କା ମିଳୁଛି। ପ୍ରଶାସନ ପକ୍ଷରୁ ଯଦି ରବିନ୍ଦ୍ର ଓ ଗାୟତ୍ରୀଙ୍କୁ କିଛି ସାହାଯ୍ୟ ମିଳନ୍ତା ସେମାନେ ବଡ଼ ଆକାରରେ ଏକ ଦୋକାନ କରି ସ୍ୱାବଲମ୍ବୀ ହୋଇପାରନ୍ତେ ବୋଲି କହିଛନ୍ତି।

# ୧୨ଜଣଙ୍କୁ ଭତ୍ତା, ୨ଜଣଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ

**ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ**

ରାୟଗଡ଼ା,୩।୧୨ (ଆଶିଷ ରଞ୍ଜନ ପଣ୍ଡା)

ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡ଼ିଟରିୟମଠାରେ ରବିବାର ଆର୍ନ୍ତଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାର ଦିବ୍ୟାଙ୍ଗଙ୍କ ବିକାଶ ଓ ଉନ୍ନତି ପାଇଁ ସର୍ବଦା ପ୍ରୟାସ ଜାରି ରଖିଛନ୍ତି ବୋଲି କହିଥିଲେ। ଏଥିସହିତ ଦିବ୍ୟାଙ୍ଗଙ୍କ ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ଆଦୃତ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନୁସୟା ମାଝି, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ରାୟଗଡ଼ା ବ୍ଲକ ଅଧ୍ୟକ୍ଷା ତୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପ୍ରୁକା, ପୌର ପରିଷଦ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା, ଅତିରିକ୍ତ ଜିଲାପାଳ ଭାସ୍କର ରଇତ,



ବଲ ଥ୍ରୋ ପ୍ରତିଯୋଗିତାରେ ଜଣେ ଭିନ୍ନକ୍ଷମ ବଲ ଫୋପାଡୁଛନ୍ତି ।

ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ଲାଲମୋହନ ରାଉତରାୟ ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ । ସଭା କାର୍ଯ୍ୟ ପରେ ଅଡିଟରିୟମଠାରୁ ଆମ୍ବେଦକରଙ୍କ ପ୍ରତିମୂର୍ତି ପର୍ଯ୍ୟନ୍ତ ଏକ ରାଲି ଅନୁଷ୍ଠିତ ହୋଇଥିଲା । ମନ୍ତ୍ରୀ ସାରକା ଓ ଅନ୍ୟ ଅତିଥିବୃନ୍ଦ ସବୁଜ ପତାକା ଦେଖାଇ ଏହି ରାଲିର ଶୁଭାରମ୍ଭ କରିଥିଲେ।

ପରେ ଅଡିଟରିୟମ ଠାରେ ଦିବ୍ୟାଙ୍ଗମାନଙ୍କ ପାଇଁ ବିଭିନ୍ନ ପ୍ରକାର କ୍ରୀଡ଼ା ହୁଇଲ ଚେୟାର ରେସ୍, ଟ୍ରାଇ ସାଇକେଲ ରେସ୍, ମ୍ୟୁଜିକ ଚେୟାର ଓ ବଲ ଥ୍ରୋ ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜନ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ବ୍ଲକର ୧୨ଜଣଙ୍କୁ ମଧୁବାବୁ ଭତ୍ତା ଏବଂ ୨ଜଣଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା । ଚଳିତ ବର୍ଷ ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ୩ଜଣ ମେଧାବୀ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶ କ୍ରମେ ୪ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା କରାଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୀମାଂଚଳ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମକୁ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ ଓ ରାୟଗଡ଼ା ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତା ବେହେରା ଓ ଅନ୍ୟ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଦୂଷିତ ଜଳ ପରିଚାଳନା କର୍ମଶାଳା

ଗୁଣପୁର,୩।୧୨ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଟାଉନ ହଲ୍‌ଠାରେ ଶନିବାର ନଗର ଉନ୍ନୟନ ବିଭାଗ ପକ୍ଷରୁ ଦୂଷିତ ଜଳ ପରିଚାଳନା ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଛି। ଗୁଣପୁର ପୌର ପରିଷଦ ଓ ଗୁଡାରି ବିଜ୍ଞାପିତ ଅଞ୍ଚଳ ପରିଷଦକୁ ନେଇ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ନଗର ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଗୋରାଚାନ୍ଦ ଗମାଙ୍ଗ ଯୋଗଦେଇ ଏହାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ । ସହରରରେ ଥିବା ଘରଗୁଡିକର ଦୂଷିତ ଜଳ ନର୍ଦ୍ଦମା ଦେଇ ନଦୀରେ ମିଶୁଛି। ଫଳରେ ନଦୀ ଜଳ ପ୍ରଦୂଷିତ ହେଉଛି। ଏହାକୁ ରୋକିବା ପାଇଁ ଘରୁ ଓ ଜନ ବସତିରୁ ନିର୍ଗତ ଦୂଷିତ ଜଳକୁ ନର୍ଦ୍ଦମାକୁ ନ ଛାଡି କିଭଳି ତାକୁ ଭୂତଳସ୍ତରରେ ରିଚାର୍ଜ କରିହେବ ସେ ସମ୍ପର୍କରେ ବିଭାଗୀୟ ବରିଷ୍ଠ ଯନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ କହିଥିଲେ। ଏଥି ସକାଶେ ଘର ସମ୍ମୁଖରେ କିମ୍ବା ଜନବସତି ରେ ପୌର ସଂସ୍ଥା ପକ୍ଷରୁ ଏକ ପ୍ରକଳ୍ପ କରାଯିବାର ବ୍ୟବସ୍ଥା ରହିଛି। ଏଣୁ ଏସବୁକୁ କିଭଳି କାର୍ଯ୍ୟକାରୀ କରିବେ ସେ ନେଇ ସ୍ୱଚ୍ଛସାଥୀ, କାଉନସିଲର ଓ ଉପସ୍ଥିତ ପୌର କର୍ମଚାରୀମାନଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଗୁଣପୁର ପୌରପରିଷଦର ଅଧ୍ୟକ୍ଷା ମମତା ଗୌଡ, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ, ଗୁଡାରି ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ସରମିତା ଶବର, ଉପାଧ୍ୟକ୍ଷ ପି. ଯୋଗେଶ୍ୱର ରାଓଙ୍କ ସମେତ ଗୁଡାରି ନିର୍ବାହୀ ଅଧିକାରୀ ମୁରଲି ପଣ୍ଡା ଓ ଗୁଣପୁର ନିର୍ବାହୀ ଅଧିକାରୀ ସ୍ୱସ୍ତିକ ଜମାଦାର ଯୋଗ ଦେଇଥିଲେ ।

## ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ

ଗୁଡ଼ାରି,୩।୧୨ (ପ୍ରମୋଦ କୁମାର ପତି)

ଗୁଡ଼ାରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଗୁଡ଼ାରୀ ଥାନା ଅଧିକାରୀ ସମର୍ପିତା ସ୍ୱାଇଁ, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରତ୍ନାମୟୀ ପୁରୋହିତ ଯୋଗ ଦେଇଥିଲେ। ଏହି ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର ଶୋଭାଯାତ୍ରାରେ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ । ଭିନ୍ନକ୍ଷମମାନେ ସାଧାରଣ ଲୋକଙ୍କ ସହ ସମାନ ଏବଂ ସେମାନେ କୌଣସି ଗୁଣରେ ମଧ୍ୟ କମ ନୁହନ୍ତି ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମର ଡ୍ରଇଂ ଏବଂ ମ୍ୟୁଜିକଲ ଚେୟାର ପ୍ରତିଯୋଗିତା ହୋଇଥିଲା । କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟତ୍ରୀ ଶିକ୍ଷକ, ସମସ୍ତ ସିଆରସିସି, କାର୍ଯ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ଜନଜାତି କ୍ରୀଡ଼ା ଉଦ୍‌ଯାପିତ

ରାୟଗଡା,୩।୧୨ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡା ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ତରଫରୁ ଗୋବିନ୍ଦ ଚନ୍ଦ୍ର ପଡିଆରେ ଗତ ୩ ଦିନ ଧରି ଚାଲିଥିବା ଜନଜାତି କ୍ରୀଡା ଉତ୍ସବ ରବିବାର ଉଦଯାପିତ ହୋଇଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନୁସୂୟା ମାଝିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲାର ୧୧ ଟି ବ୍ଲକର ଜନଜାତି ଛାତ୍ରୀଛାତ୍ର ବିଭିନ୍ନ କ୍ରୀଡାରେ ଭାଗ ନେଇଥିଲେ । ବାଳକ ବର୍ଗରେ କ୍ରିକେଟ ଓ ଭଲିବଲ ଅନୁଷ୍ଠିତ ହୋଇଥିଲା। ସେହିପରି ବାଳିକାଙ୍କ ମଧ୍ୟରେ ଖୋକୋ ଓ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ



ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ।

ହୋଇଥିଲା । କ୍ରିକେଟରେ କୋଲନରା ଟିମ ବିଜୟୀ ହୋଇଥିବାବେଳେ ଭଲିବଲରେ ବିଷମ କଟକ, ବ୍ୟାଡ଼ମିଣ୍ଟରେ ଗୁଣୁପୁର ଟିମ ଓ ଖୋକୋରେ ରାୟଗଡା ଟିମ ବିଜେତା ହୋଇଛନ୍ତି । ଅତିଥିମାନେ ବିଜେତା ଙ୍କୁ ଅର୍ଥ ରାଶି ସହ ମାନପତ୍ର ପ୍ରଦାନ କରିଛନ୍ତି । କାର୍ଯ୍ୟକ୍ରମରେ ରାୟଗଡା ବିଧାୟକ ମକରନ୍ଦ ମୁଦୁଲି, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ରଇତ ଙ୍କ ସହ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ପ୍ରମୁଖ ଉପସ୍ଥିତ ଥିଲେ ।

# ଚୋରା ଗଞ୍ଜେଇ ଜବତ, ୨ ଗିରଫ

ଅମ୍ବାଦଳା, ୩।୧୨ (ରବିନ୍ଦ୍ର ପଣ୍ଡା)



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ ।

ଏକ ବାଇକ୍ ଯୋଗେ ଗଞ୍ଜେଇ ପଡୋଶୀ ରାଜ୍ୟ ଛତିଶଗଡ଼କୁ ଚାଲାଣ କରାଯାଉଥିବାବେଳେ ଅମ୍ବାଦଳା ପୋଲିସ ବାଇକ୍ ସହ ଚୋରା ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚୋରା ଚାଲାଣ କରିବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବଲଦିଆମାଲ ଗ୍ରାମର ସଞ୍ଜୟ ମେହେର (୪୫) ଓ ଟିଳେଇଗୁଡ଼ା ଗ୍ରାମର କଳେଶ୍ୱର ମେହେର(୫୦) । ପୋଲିସ ସେମାନଙ୍କ ନିକଟରୁ ୧୦କେଜି ୯୫୦ଗ୍ରାମ ଗଞ୍ଜେଇ, ୨ଟି ମୋବାଇଲ, ଗୋଟିଏ ବାଇକ ଓ ୫ହଜାର ୨ଶହ ଟଙ୍କା ଜବତ କରିଛି।

ପୋଲିସ ସୂଚନା ଅନୁଯାୟୀ, ଗଜପତି ଜିଲା ବୁର୍କାପେଟା ଅଞ୍ଚଳରୁ ଏକ ବାଇକ୍ (ନଂ ଓ ୦୮ଏଲ୨୨୫୯)ଯୋଗେ ଚୋରା ଗଞ୍ଜେଇ ଛତିଶଗଡ଼ ରାଜ୍ୟକୁ ଚାଲାଣ ହେଉଥିବା ଅମ୍ବାଦଳା ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ଅମ୍ବାଦଳା ଆଇଆଇସି କାର୍ତ୍ତିକ ନାୟକଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ରାମ ସଙ୍କର ବାଘ, ଏଏସଆଇ ଉମାକାନ୍ତ ଶବର, ଅନୀଲ ବୈଧାର ଓ ପ୍ରଶାନ୍ତ ପାଢ଼ୀ ଶନିବାର ମେଡିକାଲ ଛକରେ ଜଗି ରହିଥିଲେ। ଗଞ୍ଜେଇ ଚାଲାଣକାରୀ ପୋଲିସ ଆଖିରେ ଧୂଳି ଦେଇ ଖସି ପଳାଉଥିବାବେଳେ ପୋଲିସ ୪ଶହ ମିଟର ସେମାନଙ୍କ ପିଛା କରି କାବୁ କରିଥିଲା। ସେମାନଙ୍କୁ ଥାନାକୁ ଆଣି ପଚରାଉଚରା ସମୟରେ ସେମାନେ ଗଞ୍ଜେଇ ଚାଲାଣ କରୁଥିବା ସ୍ୱୀକାର କରିଥିଲେ। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୫୫ ହଜାର ଟଙ୍କାରୁ ଅଧିକ ହେବ ବୋଲି ଥାନାଧିକାରୀ ନାୟକ କହିଛନ୍ତି।

# ବିଜୟ ଉତ୍ସବ ମନାଇଲା ଭାଜପା

ରାୟଗଡ଼ା,୩।୧୨ (ଆଶିଷ ରଞ୍ଜନ ପଣ୍ଡା)



ମଧ୍ୟପ୍ରଦେଶ, ରାଜସ୍ଥାନ, ଛତିଶଗଡ଼ ଓ ତେଲେଙ୍ଗାନାରେ ବିଧାନସଭା ନିର୍ବାଚନ ଫଳାଫଳ ଆସିଯାଇଛି। ୩ ରାଜ୍ୟରେ ଭାଜପା ବିଜୟ ଲାଭ କରି ସରକାର ଗଢ଼ିବାକୁ ଯାଉଥିବାରୁ ରାୟଗଡ଼ା ଜିଲା ଭାଜପାରେ ଖୁସିର ଲହରୀ ଖେଳିଯାଇଛି। ଜିଲା ଭାଜପା କମିଟି ପକ୍ଷରୁ ବାଣ ଫୁଟାଇ ଉତ୍ସବ ପାଳନ କରିଛନ୍ତି । ଭାଜପା ଜିଲା କାର୍ଯ୍ୟାଳୟରେ ଜିଲା ସଭାପତି ଶିବ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବସନ୍ତ ଉଲାକା, କିଶୋର ପଣ୍ଡା, ବରିଷ୍ଠ ନେତା କାଳିରାମ ମାଝି ଓ କାର୍ଯ୍ୟକର୍ତାମାନେ ଉପସ୍ଥିତ ରହି ଖୁସି ମନାଇଛନ୍ତି । ସେହିଭଳି ସହରର ଏକ ବସ୍ତିରେ ନଗର ସଭାନେତ୍ରୀ ମଞ୍ଜୁଳା ମିଣିଆକା, ବରିଷ୍ଠ ନେତା ପଦ୍ମନାଭ ଦାସ, ଝରଣା ମହାନ୍ତି ଓ ବାଣୀଶ୍ରୀ ପ୍ରମୁଖ ଖୁସି ମନାଇଛନ୍ତି। ଆଗାମୀ ଦିନରେ ଓଡ଼ିଶାରେ ମଧ୍ୟ ଭାଜପା ନିର୍ବାଚନ ଜିତିବା ସହ ସରକାର ଗଠନ କରିବା ନେଇ ସଭାପତି ଶିବ ପଟ୍ଟନାୟକ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ପଥପ୍ରାନ୍ତ ନାଟକ ମାଧ୍ୟମରେ ଏଡ୍‌ସ ସଚେତନତା

ଟିକିରି,୩।୧୨ (ପ୍ରଫୁଲ କୁମାର ବେହେରା)

ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ ପକ୍ଷରୁ ଟିକିରି ଅଞ୍ଚଳରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଛି। ଏହି ଅବସରରେ ଉତ୍କଳ ଆଲୁମିନାଠାରେ ପଥପ୍ରାନ୍ତ ନାଟକ, ଗୋଷ୍ଠୀସ୍ତରରେ ସଚେତନତା ସୃଷ୍ଟି ଅଭିଯାନ ଏବଂ ଲାଲ ସସେଚତନତା ରିବନ ଆଦି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଏହି ମହାମାରୀ ବିରୋଧରେ ଏକଜୁଟ ହେବା ଏବଂ ଏଚଆଇଭି/ ଏଡ୍‌ସ ସଂକ୍ରମଣ ସହିତ ବଞ୍ଚୁଥିବା ଲୋକଙ୍କୁ ସମର୍ଥନ କରିବା ଦିଗରେ ସଚେତନତା ବୃଦ୍ଧି କରାଯାଇଥିଲା। କମ୍ପାନୀର ୟୁନିଟ ହେଡ ଏବଂ ପ୍ରେସିଡେଣ୍ଟ ମଜହର ବେଗ ଏହି ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ବିଜୟ ଧାନୁକା, ଅପରସନ ମୁଖ୍ୟ କୌଶିକ ଶରଣ ମିଶ୍ର, ୟୁନିଟ ଏଚଆର୍ ହେଡ ବିଜୟ କୁମୁରା, ହେଡ ମେଡିକାଲ ସର୍ଭିସ ଏବଂ ସିଏମଓ ପ୍ରସନ୍ନ ସାମନ୍ତ, କାଶୀପୁର ସିଏଚଓ ଡା ନେତ୍ରାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଲୋକଙ୍କୁ ସଚେତନ କରାଇଥିଲେ।

# ଆଇନ ମନ୍ତ୍ରୀଙ୍କ ଅମ୍ବାଦଳା ଗସ୍ତ

ଅମ୍ବାଦଳା,୩।୧୨ (ରବିନ୍ଦ୍ର ପଣ୍ଡା)

ଅନୁସୂଚିତ ଜାତି, ଜନଜାତି ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ରବିବାର ରାୟଗଡା ଜିଲା ଅମ୍ବାଦଳା ଗସ୍ତରେ ଆସି ବିଭନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ପ୍ରଥମେ ସ୍ଥାନୀୟ ସାମନ୍ତ ମହାବିଦ୍ୟାଳୟରେ ଆୟୋଜିତ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଯୁବଗୋଷ୍ଠୀ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଓଡିଶା ରାଜ୍ୟ ସମବାୟ ନିଗମ ସଦସ୍ୟ ଜଗନ୍ନାଥ ନୁଣ୍ଡୁରୁକା ଉପସ୍ଥିତ ଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଉପଦେଷ୍ଟା ସୁଧୀର ଦାସ, ମନୋଜ ଦାସ ଏବଂ କଲେଜ ଅଧ୍ୟକ୍ଷ କବିରାଜ ପ୍ରଧାନ ଅଭିଭାଷଣ ଦେଇଥିଲେ। ଅଧାପକ ତପନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଉମେଶ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପରେ ମନ୍ତ୍ରୀ ସାରକା ଇଚ୍ଛାପୁର ପଞ୍ଚାୟତ ସଦରରେ ନବୀନ ଓଡିଶା ଆନୁକୂଲ୍ୟରେ ନିର୍ମାଣ ହେବାକୁ ଥିବା ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ କୋଠାର ଶୁଭ ଦେଇଥିଲେ। ନିକଟରେ ଇନ୍ଦ୍ରାପଡାର ବିଜେଡି କର୍ମୀ ରାଧାକୃଷ୍ଣଙ୍କ ବାପା ମୃତ୍ୟୁବରଣ କରିଥିବାବେଳେ ମନ୍ତ୍ରୀ ସାରକା ରାଧାକୃଷ୍ଣଙ୍କ ଘରେ ପହଞ୍ଚି ଶୋକାକୁଳ ପରିବାରକୁ ସାନ୍ତ୍ୱନା ଦେବା ସହ ସମବେଦନା ଜଣାଇଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଜିଲା ପରିଷଦ ଉପାଧ୍ୟକ୍ଷ ସନ୍ତୋଷ ସୁନା, ମୁନିଗୁଡା ବ୍ଲକ ଅଧ୍ୟକ୍ଷା ଦୁଃଖିନୀ ନୁଣ୍ଡୁରୁକା, ଉପାଧ୍ୟକ୍ଷ ଆଦର୍ଶ କୋଶଲ୍ୟା, ବିଜେଡି ନେତା ଧିରେନ୍ଦ୍ର ପାଣିଗ୍ରାହୀ, ଜିଲା ଯୁବ ବିଜେଡି ଉପସଭାପତି ଜଗନ୍ନାଥ ପ୍ରସାଦ, ସମ୍ପାଦକ ଦେବୀ ପ୍ରସାଦ ମୁଖାର୍ଜୀ,ଅମ୍ଳାଭଟା ପଞ୍ଚାୟତ ସରପଞ୍ଚ ଗୁରୁବାରୀ ଭୋଇ ଏବଂ ସାମାଜିକ କର୍ମୀ ଶ୍ରୀଧର ସାହୁ ପ୍ରମୁଖ ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ମନ୍ତ୍ରୀଙ୍କ ସହ ଅନ୍ୟ ଅତିଥିମାନେ ।

# ବର୍ଷା ଆଶଙ୍କା, ଫସଲ ସୁରକ୍ଷା ଚିନ୍ତାରେ ଚାଷୀ

ରାୟଗଡ଼ା,୩।୧୨ (ଆଶିଷ ରଞ୍ଜନ ପଣ୍ଡା)

**ସଚେତନ କରାଉଛି ଜିଲା କୃଷି ବିଭାଗ**

ଅଦିନିଆ ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ରାୟଗଡ଼ା ଜିଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ତେବେ ଚାଷୀର ଚାଷ ଓ ଅମଳ ସୁରକ୍ଷା ପାଇଁ ତତ୍ପର ହୋଇ ଉଠିଛି ଜିଲା କୃଷି ବିଭାଗ। ଡାକବାଜି ଯନ୍ତ୍ର ମାଧ୍ୟମରେ ରବିବାରଠାରୁ ଜିଲାର ଚାଷୀଙ୍କୁ ସଚେତନ କରାଯାଉଛି । ଅମଳ ଧାନ, କପା, ମାଣ୍ଡିଆ ସହ ପନିପରିବା ଭଳି ଫସଲକୁ ସୁରକ୍ଷିତ ସ୍ଥାନରେ ରଖିବା ପାଇଁ ସଚେତନତା କରାଯାଉଛି । ତେବେ ଅମଳ ନଷ୍ଟ ଭୟରେ ଚିନ୍ତାରେ ରହିଛନ୍ତି ରାୟଗଡ ଜିଲା ଚାଷୀ।

ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ମଙ୍ଗଳବାରଠାରୁ ଦକ୍ଷିଣ ଓଡିଶାର ୫ଟି ଜିଲା ରାୟଗଡ଼ା, ମାଲକାନଗିରି, କୋରାପୁଟ, ଗଞ୍ଜାମ ଓ ଗଜପତି ଜିଲାରେ ବର୍ଷା ହେବାର



ଜିଲା ମୁଖ୍ୟ କୃଷି ଅଧିକାରୀ ଓ ଅନ୍ୟ କର୍ମଚାରୀ ଚାଷୀଙ୍କୁ ସଚେତନ କରୁଛନ୍ତି ।

ସମ୍ଭାବନା ରହିଛି । ବର୍ତ୍ତମାନ ଧାନ ଅମଳ ସମୟ ହୋଇଥିବାରୁ କେତେଜଣ ଚାଷୀ ଧାନକାଟି ଜମିରେ ରଖିଛନ୍ତି । ଆଉ କିଛି ଚାଷୀ ଧାନ କାଟିବାକୁ ପ୍ରସ୍ତୁତି କରୁଛନ୍ତି। ଜିଲାରେ ଗତ ସପ୍ତାହରେ ହୋଇଥିବା ଅଦିନିଆ ବର୍ଷା ଅନେକ ଚାଷୀଙ୍କ ଫସଲ ନଷ୍ଟ କରିଥିବା ବେଳେ ବର୍ତ୍ତମାନ ପୁଣି ଏହି ଅଦିନିଆ ସମ୍ଭାବ୍ୟ ବର୍ଷା କଥା ଶୁଣି ଚାଷୀ ନିଜର କ୍ଷତିକୁ ନେଇ ଭୟଭୀତ ହୋଇପଡ଼ିଛି। ଅମଳ ଫସଲରେ ବର୍ଷକ ସାରା ସେମାନଙ୍କ ପରିବାର ଚଳିଥାଏ। ଯଦି ଶସ୍ୟ ନଷ୍ଟ ହୋଇଯାଏ, ତେବେ କିଭଳି ପରିବାରର ଭରଣପୋଷଣ କରିବେ ଏବଂ ଋଣ ସୁଝିବେ ସେହି ଚିନ୍ତାରେ ଚାଷୀ। ଅନ୍ୟପକ୍ଷରେ ସମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି କୃଷି ବିଭାଗ କର୍ମଚାରୀମାନେ ବ୍ୟକ୍ତିଗତ ଭାବେ ବିଭିନ୍ନ ଗାଡ଼ିରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଗାଁକୁ ଗାଁ ବୁଲି ଚାଷୀମାନଙ୍କୁ ସଜାଗ କରୁଛନ୍ତି । ଧାନକୁ ବିଲରେ ନ ଶୁଖାଇବା, ଅମଳ ଉପଯୋଗୀ କପା ଫସଲକୁ ଅତିଶୀଘ୍ର ବାହାର କରି ସୁରକ୍ଷିତ ସ୍ଥାନରେ ସାଇତି ରଖିବା, ପନିପରିବା ଓ ଅନ୍ୟ ଚାଷ ଜମିରେ ଜଳ ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଉଛି । ଏଥିସହ ଜଳସେଚନ, ସାର ପ୍ରୟୋଗ ଓ କୀଟନାଶକ ଔଷଧ ସିଞ୍ଚନକୁ ସାମୟିକ ଭାବେ ବନ୍ଦ ରଖିବା ପାଇଁ ଡାକବାଜି ଯନ୍ତ୍ର ମାଧ୍ୟମରେ ଜିଲାର ୧୧ଗୋଟି ବ୍ଲକରେ ପ୍ରଚାର ପ୍ରସାର କରାଯାଉଥିବା ଜିଲା ମୁଖ୍ୟ କୃଷି ଅଧିକାରୀ ମନୋଜ କୁମାର ପ୍ରଧାନ ସୂଚନା ଦେଇଛନ୍ତି ।

**ଘାଟିରେ ଟ୍ୟାଙ୍କର- ଟ୍ରକ ମୁହାଁ ମୁହିଁ**

ଜୟପୁର, (ପବନ ପାଣିଗ୍ରାହୀ)- ଜୟପୁର ଘାଟିରେ ରବିବାର ଏକ ଗ୍ୟାସ ବୋଝେଇ ଟ୍ୟାଙ୍କର ସହ ଟ୍ରକ ମୁହାଁ ମୁହିଁ ଧକ୍କା ହୋଇଛି। ଟ୍ୟାଙ୍କରଟି ଜୟପୁର ଅଭିମୁଖେ ଆସୁଥିବା ବେଳେ ଟ୍ରକଟି କୋରାପୁଟ ଅଭିମୁଖେ ଯାଉଥିଲା। ଦୁର୍ଘଟଣା ଯୋଗୁ ଘାଟି ରାସ୍ତା ଦୀର୍ଘ ସମୟ ଧରି ଜାମ ରହିଥିଲା। ଘଟଣା ସ୍ଥଳରେ ଦମକଳ ବାହିନୀ, ଜୟପୁର ସଦର ପୋଲିସ ପହଞ୍ଚି ଭିଡ ନିୟନ୍ତ୍ରଣ କରିଥିଲା। ବୋରିଗୁମ୍ମା ରାଣୀଗଡ ରାସ୍ତା ଦେଇ କୋରାପୁଟକୁ ଗାଡ଼ିମୋଟର ଛାଡ଼ିଥିଲା। ଏଥିରେ କେହି ମୃତାହତ ହୋଇନାହାନ୍ତି। କ୍ରେନ ଦ୍ୱାରା ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

## ସଂକ୍ଷେପରେ

### ଟିପ୍ପର-ବାଇକ୍ ଧକ୍କା,ଜଣେ ମୃତ

ନନ୍ଦପୁର, ୩।୧୨ (ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର-ପାଳିବା ରାସ୍ତାର ଗାଦିଆଖୋଲା ଗ୍ରାମ ନିକଟସ୍ଥ ପୋଲ ଉପରେ ରବିବାର ଟିପ୍ପର-ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଦେବଗନ୍ଧନା ଗ୍ରାମର ରୋହନଦେବ ଗୁଣ୍ଟା (୨୨)। ଖବରରୁ ଜଣାପଡିଛି, ନନ୍ଦପୁର ପଟୁ ଏକ ବାଲି ବୋଝେଇ ଟିପ୍ପର (ଓଡି୧୮ଏ ୦୨୩୮) ଯାଉଥିବା ବେଳେ ପାଳିବା ପଟୁ ଆସୁଥିବା ବାଇକ୍ (ଓଡି୧୦ଏ-୯୦୫୩) ସହ ପୋଲ ଉପରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍ ଚାଳକ ରୋହନଦେବଙ୍କ ମୃତ୍ୟୁ ହୋଇଥିଲା। ବୁଟାପୁଟ ଗ୍ରାମର ରୁଦ୍ର ହନ୍ତାଳ (୨୦) ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଗ୍ରାମବାସୀ ମୃତଦେହ ରଖି କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ଫଳରେ ଘଟଣା ସ୍ଥଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଥାନା ଅଧିକାରୀ ଆଶ୍ରିତା ଖାଲକୋଙ୍କ ସହ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ି ମାଲିକ ପୂର୍ଣ୍ଣ ପାଙ୍ଗୀ ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଦୀର୍ଘ ସମୟ ଧରି ଆଲୋଚନା ପରେ ଦୁଇ ପକ୍ଷଙ୍କ ମଧ୍ୟରେ ଆପୋସ ବୁଝାମଣାରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ନନ୍ଦପୁର ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ

ପଡିଆ, ୩।୧୨ (ଭାସ୍କର ରାଓ )

ମାଲକାନଗିରି ଜିଲା ସୀମାନ୍ତ ବ୍ଲକ ପଡିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଡିଓ ଅଭିମନ୍ୟୁ କବି ଶତପଥୀଙ୍କ ନେତୃତ୍ୱରେ ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ପଞ୍ଚାୟତ ସମିତି ଅଧକ୍ଷା ଯମୁନା ମୁଷାକି ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଉପାଧକ୍ଷ କଲ୍ୟାଣ ବିଶ୍ୱାସ, ଜିଲା ପରିଷଦ ସଦସ୍ୟା ସୁରଭି ଭୌମିକ, ଏମ୍‌ପି ପ୍ରତିନିଧି ସିଏଚ ରେବୀଟ କୁମାର, ବିଧାୟକ ପ୍ରତିନିଧି କୋଟାମ ବାଲାୟା, ବିଜୁ ଜନତା ଦଳ ବ୍ଲକ ସଭାପତି ତଥା ଜିଲା କ୍ରିକେଟ ଆସୋସିଏଶନ ସଭାପତି ଏମ୍‌ଡି ଫାରୁକ, ପୂର୍ବତନ ଏମ୍‌ପି ପ୍ରତିନିଧି ଏନ୍. ନୁକାଲ ରାଜୁ, କୋଟାମ ଏନ କାୟା ଦୋରା, ବରଷ୍ଠ ସମାଜିକକର୍ମୀ ଏନ୍ ରାଘବ ରାଓ, ସତ୍ୟ ନାରାୟଣ ମାଝିଓ ମେଷାକ ରବିମାଦ୍ରିପ୍ରମୁଖ ଯୋଗ ଦେଇଥିଲେ । ନିକଟସ୍ଥ ସାବେରୀ ନଦୀରୁ ପାଣି ଉଠାଯାଇ କମାରଗୁଡା ଗ୍ରାମ ଦୁର୍ଗା ମନ୍ଦିରରେ ସ୍ଥାପନ କରାଯାଇଥିଲା। ସେଠାରୁ ମାଲ୍ୟବନ୍ତ ଉତ୍ସବ ପଡିଆ ପର୍ଯ୍ୟନ୍ତ କଳସ ଯାତ୍ରା କରାଯାଇଥିଲା । ପରେ ଅତିଥିଙ୍କ ଦ୍ୱାରା ଦୀପ ପ୍ରଜ୍ଜ୍ୱଳନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । ୮ ପଞ୍ଚାୟତର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନେ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏଥିରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ, ମୁଖ୍ୟବକ୍ତା ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷ ଆଡ଼ମା ରାବା, ସମ୍ମାନିତ ଅତିଥି ଅଧକ୍ଷା ଯମୁନା ମୁଷାକି, ଉପଜିଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ, ବିଡିଓ ଅଭିମନ୍ୟୁ କବି ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ପରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହା ସହ ଛାତ୍ରୀ ଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ପଟ୍ଟା ନାହିଁ, ଆକାଉଣ୍ଟକୁ ଛଡାଯାଉନି ଦ୍ୱିତୀୟ କିସ୍ତି

କୁନ୍ଦୁରା,୩।୧୨(ସନ୍ତୋଷ ପ୍ରହରାଜ)

**ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା**
- ପ୍ରଥମ କିସ୍ତି ଛଡାଗଲା, ଦ୍ୱିତୀୟ ବେଳକୁ ଟଣାଓଟରା
- ୨୦୧୬ ରୁ ୨୦୨୨ ଯାଏ ଅସମ୍ପୂର୍ଣ୍ଣ ରହିଛି ୪୦୦ ଗୃହ
- ହିତାଧିକାରୀ ବିଲ ପଟ୍ଟା ଦାଖଲ ପରେ ଛଡାଯିବ ଟଙ୍କା: ବିଡିଓ



ଗ୍ରାମାଞ୍ଚଳଗୁଡିକରେ ବର୍ତ୍ତମାନ ସୁଦ୍ଧା ଘରବାରି ପଟ୍ଟା ସମସ୍ତଙ୍କୁ ମିଳିନାହିଁ। ଯିଏ ଯେଉଁ ସ୍ଥାନରେ ଅଛନ୍ତି ସେଠାରେ ଗୃହ ନିର୍ମାଣ ଲାଗି ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ମିଳିଥିଲା। ପରେ ହିତାଧିକାରୀ ଗୃହ ନିର୍ମାଣ ଆରମ୍ଭ କରିଛନ୍ତି। ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ ବେଳେ ପ୍ରଥମ କିସ୍ତି ଟଙ୍କା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ କରାଯାଇ ତିନି ମାସ ମଧ୍ୟରେ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିବାକୁ କୁହାଯାଇଥିଲା। ବର୍ତ୍ତମାନ ହିତାଧିକାରୀ ଅଧା ଘର ନିର୍ମାଣ କରି ଦ୍ୱିତୀୟ କିସ୍ତି ଟଙ୍କାକୁ ଅପେକ୍ଷା କରିଥିବା ବେଳେ ପଟ୍ଟା ନ ଥିଲେ ଦ୍ୱିତୀୟ କିସ୍ତି ମିଳିବନି ବୋଲି କୁନ୍ଦୁରା ବ୍ଲକରେ ନୂଆ କରି ଯୋଗଦେଇଥିବା ବିଡିଓ କପିଳେଶ୍ୱର ତାଣ୍ଡି କହିଛନ୍ତି। ଫଳରେ ଅଧା ଗୃହ ନିର୍ମାଣ କରି ବହୁ ଗରିବ ହିତାଧିକାରୀ ଏବେ ଚିନ୍ତାରେ ପଡିଛନ୍ତି। ପ୍ରଶାସନର ଏତାଦୃଶ ନିଷ୍ପତ୍ତି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

କୋରାପୁଟ ଜିଲାର କୁନ୍ଦୁରା ବ୍ଲକ ଅସମ୍ପୂର୍ଣ୍ଣ ଗୃହ ନିର୍ମାଣ ତାଲିକାରେ ଜିଲାରେ ପ୍ରଥମ ସ୍ଥାନରେ ରହିଛି। କୁନ୍ଦୁରା ବ୍ଲକ ଅଧୀନରେ ୧୬ଟି ପଞ୍ଚାୟତ ରହିଥିବା ବେଳେ ଗତ ୨୦୧୬ରୁ ବର୍ତ୍ତମାନ ସୁଦ୍ଧା ବିଜୁ ପକ୍କାଘର ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ପ୍ରାୟ ୪୦୦ରୁ ଅଧିକା ନିର୍ମାଣ ନ ହୋଇ ପଡ଼ି ରହିଛି। ସେହିଭଳି ୨୦୨୩ରେ ନୂତନ ଭାବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ୨୨୫୦ ଗୃହରୁ ମାତ୍ର ୨୦୦ ଗୃହ ସମ୍ପୂର୍ଣ୍ଣ ହୋଇଛି। ଅବଶିଷ୍ଟ ଅର୍ଦ୍ଧନିର୍ମିତ ଅବସ୍ଥାରେ ରହିଛି। ଅନ୍ୟପକ୍ଷରେ ବିଡିଓ ତାଣ୍ଡି କହନ୍ତି, ଯେଉଁ ହିତାଧିକାରୀଙ୍କ ପଟ୍ଟା ନାହିଁ ସେମାନଙ୍କ ବିଲ ପଟ୍ଟା ଦାଖଲ କରିବାକୁ ହିତାଧିକାରୀଙ୍କୁ କୁହାଯାଇଛି। ସେମାନେ ଏହା ଦାଖଲ କରିବା ପରେ ସେମାନଙ୍କ ଦ୍ୱିତୀୟ କିସ୍ତି ଅର୍ଥ ଜମାଖାତାରେ ପୈଠ କରାଯିବ। ପଟ୍ଟା ନ ଥାଇ ଜଣେ ବ୍ୟକ୍ତିଙ୍କୁ କିପରି ପ୍ରଶାସନ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଗୃହ ପାଇଁ ଯୋଗ୍ୟ ହିତାଧିକାରୀ ରୂପେ ତାଲିକାଭୁକ୍ତ ହୋଇପାରିଲା ଏବଂ ପଟ୍ଟା ନ ଥିବା ହିତାଧିକାରୀଙ୍କ ବ୍ୟାଙ୍କ ଜମାଖାତାକୁ ପ୍ରଶାସନ କିପରି ପ୍ରଥମ କିସ୍ତି ଟଙ୍କା ଛାଡିଲା ତାହା ଏବେ ଆଲୋଚନାର ବିଷୟ ହୋଇଛି। ଏହି କାର୍ଯ୍ୟରେ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ଗ୍ରାମ ରୋଜଗାର ସେବକ, କନିଷ୍ଠ ଯନ୍ତ୍ରୀ, ଯୋଗାଣ ସହାୟକ ନିୟୋଜିତ ରହିଥିବା ବେଳେ ଏବେ ସେମାନେ ଆକ୍ରୋଶର ଶିକାର ହେଉଥିବା ଦେଖିବାକୁ ମିଳୁଛି। ୨୦୧୧ ବସତି ବନ୍ଦୋବସ୍ତ ତଥା ସେଟେଲମେଣ୍ଟ ଅନୁସାରେ କୁନ୍ଦୁରା ବ୍ଲକ୍‌ରେ ୫୦ ପ୍ରତିଶତ ଜାଗାର ପଟ୍ଟା ନ ଥିବା ବେଳେ ସରକାରଙ୍କ ନିୟମାନୁଯାୟୀ ତହସିଲଦାରଙ୍କ ଦ୍ୱାରା ପଟ୍ଟା ନ ଥିବା ହିତାଧିକାରୀଙ୍କୁ ଚିହ୍ନଟ କରି ଏହା ପ୍ରଦାନ କରିବା ପାଇଁ ନିୟମ ରହିଛି। ଏହି ନିୟମକୁ ଉପଯୋଗ ନ କରି ପ୍ରଶାସନ ଗରିବ ହିତାଧିକାରୀଙ୍କୁ ହଇରାଣ କରୁଥିବା ଅଭିଯୋଗ ହେଉଛି। କୁନ୍ଦୁରା ବ୍ଲକରେ ଗତ ୨ ବର୍ଷ ମଧ୍ୟରେ ୪ ଜଣ ବିଡିଓଙ୍କ ବଦଳି ହେବାଓ ସମସ୍ତ ଅଧିକାରୀଙ୍କ ଭିନ୍ନ ଭିନ୍ନ ମତ ଯୋଗୁ ବ୍ଲକ୍‌ରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଗୃହ ନିର୍ମାଣରେ ବିଳମ୍ବ ହେଉଥିବା ଆଲୋଚନାହେଉଛି। ଏଥିପ୍ରତି ଜିଲା ପ୍ରଶାସନ ହସ୍ତକ୍ଷେପ କରି ସମସ୍ୟାର ସମାଧାନ କରିବା ଲାଗି ସାଧାରରରେ ଦାବି ହେଉଛି।

# ଭାଲୁ ଆକ୍ରମଣରେ ଯୁବକ ଗୁରୁତର

କୋରାପୁଟ,୩।୧୨(ଅମିତାଭ ବେହେରା)

କୋରାପୁଟ ବ୍ଲକର ମହାଦେଇପୁଟ ପଞ୍ଚାୟତର ରଙ୍ଗେଇଗୁଡା ଗ୍ରାମ ନିକଟରେ ଶନିବାର ରାତିରେ ଭାଲୁ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଜିତେନ୍ଦ୍ର କୁମାର ସିଂ (୨୭)। ତାଙ୍କୁ ଚିକିତ୍ସା ଲାଗି କୋରାପୁଟ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ଶନିବାର ରାତିରେ ଜିତେନ୍ଦ୍ର ଜମିରେ ହୋଇଥିବା ମାଣ୍ଡିଆ ଚାଷ ଦେଖିବାକୁ ଆସୁଥିବାବେଳେ ଭାଲୁ ହାବୁଡରେ ପଡି ଯାଇଥିଲେ। ଭାଲୁ ଜିତେନ୍ଦ୍ରଙ୍କୁ ଆକ୍ରମଣ କରିଥିଲା। ଏଥିରେ ତାଙ୍କର ମୁଣ୍ଡ, ଗୋଡ, ବାମ କାନଠାରୁ ପାଟି ଯାଏ ଗଭୀର କ୍ଷତ ହୋଇଥିଲା। ସ୍ଥାନୀୟ ଗ୍ରାମବାସୀ ଏନେଇ କୋରାପୁଟ ବନ ବିଭାଗକୁ ସୂଚନା ଦେବାରୁ ରେଞ୍ଜର ବିକାଶ ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଜିତେନ୍ଦ୍ରଙ୍କୁ କୋରାପୁଟ ମେଡିକାଲ କଲେଜକୁ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ବର୍ତ୍ତମାନ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। କ୍ଷତିପୂରଣ ବାବଦରେ ସରକାରଙ୍କ ଯାହା ସହାୟତା ରହିଛି ସବୁ ଜିତେନ୍ଦ୍ର ପାଇବେ। ଏନେଇ କାଗଜପତ୍ର ପ୍ରସ୍ତୁତ କରାଯାଉଛି ବୋଲି ରେଞ୍ଜର ପାତ୍ର କହିଛନ୍ତି। କୋରାପୁଟ ସଦର ପୋଲିସ ମଧ୍ୟ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ନନ୍ଦପୁରର ମହୁଚାଷୀ ରାଜ୍ୟ ସ୍ତରରେ ପୁରସ୍କୃତ



ମହୁଚାଷୀ ନିତାଇ ଚରଣ ଦଳେଇଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

ନନ୍ଦପୁର, ୩।୧୨(ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ବିଶିପୁର ଗ୍ରାମର ମହୁଚାଷୀ ନିତାଇ ଚରଣ ଦଳେଇ ରାଜ୍ୟ ସ୍ତରରେ ପୁରସ୍କୃତ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ଓୟୁଏଟି ପରିସରରେ ଥିବା ବିଜୁ ପଟ୍ଟନାୟକ କନ୍‌ଫରେନ୍ସ ହଲରେ ଆୟୋଜିତ ଉତ୍ସବରେ ନିତାଇଙ୍କ ସମେତ ରାଜ୍ୟର ଅନ୍ୟ ୧୬ ଜଣ ମହୁଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓୟୁଏଟି କୁଳପତି ପ୍ରଭାତ ରାଉଳ, ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁ, ପ୍ରସନ୍ନଜିତ୍ ମିଶ୍ର, ହୃଷୀକେଶ ମିଶ୍ର, ଚିତ୍ତରଞ୍ଜନ ଶତପଥୀ ଓ ପ୍ରଭାସିନୀ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ ମହୁଚାଷୀମାନଙ୍କୁ ସମ୍ମାନିତ କରିଥିଲେ। ଏହି ଅବସରରେ ଓଡ଼ିଶା ବି-ଟ୍ରଷ୍ଟ ପକ୍ଷରୁ ସମସ୍ତ ମହୁଚାଷୀଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇ ମହୁଚାଷର ନୂଆ କୌଶଳ, ରକ୍ଷଣାବେକ୍ଷଣ ଓ ଅଧିକ ଅମଳ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ସୂଚନା ଯୋଗ୍ୟ, ନିତାଇଙ୍କ ଗୋମତୀ ମହୁ ଫାର୍ମ ନାମରେ ଏକ ସଂସ୍ଥା ରହିଛି। ସେ କୋରାପୁଟ ଜିଲାର ଜଣେ ଅଗ୍ରଣୀ ମହୁଚାଷୀ ଭାବେ ପରିଚିତ। ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ମହୁଚାଷ ଉପରେ କରାଯାଉଥିବା ସମସ୍ତ କାର୍ଯ୍ୟକ୍ରମରେ ସେ ପ୍ରଶିକ୍ଷକ ଭାବେ ଯୋଗଦେଇ ମହୁଚାଷୀମାନଙ୍କୁ ପ୍ରଶିକ୍ଷଣ ଦେଇଥାନ୍ତି। ତାଙ୍କଦ୍ୱାରା ଏବେ ଜିଲାରେ ଶତାଧିକ ମହୁଚାଷୀ ସୃଷ୍ଟି ହୋଇପାରିଛନ୍ତି। ନିତାଇ ମହୁଚାଷ ପାଇଁ ରାଜ୍ୟ ସ୍ତରରେ ସମ୍ମାନିତ ହେବା ଖବର ପାଇ ବିଡିଓ ଦୁର୍ଗା ପ୍ରସାଦ ଦୋରା, ମିଶନ ଶକ୍ତି ସଂଯୋଜକ ବିଚିତ୍ରା ରାଉତଙ୍କ ସମେତ ଅନ୍ୟମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଠକି ନେଲେ ୨୦ ହଜାର

**ଜନସେବା କେନ୍ଦ୍ର ଆଳରେ ଠକେଇ**

ଦଶମନ୍ତପୁର, ୩।୧୨ (ଅରବିନ୍ଦ ନାୟକ)

ଜନସେବା କେନ୍ଦ୍ର ଖୋଲିବା ଲାଗି ଜଣେ ଯୁବକ ଠକେଇର ଶିକାର ହୋଇଛନ୍ତି। ତାଙ୍କଠାରୁ ଜନସେବା କେନ୍ଦ୍ର ଖୋଲିବା ଲାଗି ୨୦ ହଜାର ଟଙ୍କା ଠକି ନେଇଛନ୍ତି। ଠକେଇର ଶିକାର ହୋଇଥିବା ଯୁବକ ଦଶମନ୍ତପୁର ବ୍ଲକ ଗୌଡ ବାରିକେଣ୍ଟା ଗ୍ରାମର ମହେଶ୍ୱର ସାହୁଙ୍କ ପୁଅ ଅରୁଣ ଏନେଇ ତାଙ୍କୁ ଠକିଥିବା ବ୍ୟକ୍ତିଙ୍କ ବିରୋଧରେ ରବିବାର ଦଶମନ୍ତପୁର ଥାନାରେ ଲିଖିତ ଏତଲା ଦେଇଛନ୍ତି।

ଖବରରୁ ଜଣାପଡିଛି, ଗତ ବର୍ଷେ ତଳେ ସେମିଳିଗୁଡା ମୁଖ୍ୟ ବଜାର ପାଖରେ ଏକ ଜନସେବା କେନ୍ଦ୍ର ଖୋଲି ବସିଥିବା, ବିଶ୍ୱଜିତ ଦଶଙ୍କ ସହ ଅରୁଣଙ୍କର ପରିଚିତ ହୋଇଥିଲା। ଜନସେବା କେନ୍ଦ୍ର କରିବା ଲାଗି କ'ଣ ଆବଶ୍ୟକ ରହିଛି ବୋଲି ଅରୁଣ ବିଶ୍ୱଜିତଙ୍କୁ ପଚାରିଥିଲେ। ଏଥିପାଇଁ ୧ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ବିଶ୍ୱଜିତ୍ କହିବା ସହ ଏଥିପାଇଁ ପ୍ରଥମେ, ୨୦ ହଜାର ଟଙ୍କା ଦେବାକୁ ହେବ। କାଗଜପତ୍ର ହେଲା ପରେ ଅବଶିଷ୍ଟ ୮୦ ହଜାର ଟଙ୍କା ଦେବାକୁ ପଡ଼ିବ ବୋଲି ବିଶ୍ୱଜିତ ଅରୁଣଙ୍କୁ କହିଥିଲେ। ବିଶ୍ୱଜିତଙ୍କ କଥାକୁ ବିଶ୍ୱାସ କରି ଅରୁଣ ଧାରଉଦ୍ଧାର କରି ୨୦ ହଜାର ଟଙ୍କା ଯୋଗାଡ କରି ବିଶ୍ୱଜିତଙ୍କୁ ଫୋନ କରିଥିଲେ। ବିଶ୍ୱଜିତ ତାଙ୍କର ଜଣେ ସାଙ୍ଗ ଅଭିମନ୍ୟୁ ମିଶାଲଙ୍କ ୭୨୦୫୨୯୧୭୪୮ ନମ୍ବରକୁ ଫୋନ କରି ଟଙ୍କା ଦେବାକୁ କହିଥିଲେ। ଅରୁଣ ଏହି ନମ୍ବରରେ ଯୋଗାଯୋଗ କରି କଥାବାର୍ତ୍ତା ହୋଇଥିଲେ। ଅଭିମନ୍ୟୁ ୭୮୯୪୮୮୫୫୭ ନମ୍ବରରେ ଫୋନ ପେ କରି ଟଙ୍କା ପଠାଇବାକୁ ଅରୁଣଙ୍କୁ କହିଥିଲେ। ଅରୁଣ ଏହି ନମ୍ବରରେ ତାଙ୍କ ନିକଟକୁ ଟଙ୍କା ପଠାଇଥିଲେ। ତେବେ ଅରୁଣଙ୍କଠାରୁ ୨୦ ହଜାର ଟଙ୍କା ନେବା ପରଠାରୁ ଆଉ ବିଶ୍ୱଜିତ କିମ୍ବା ଅଭିମନ୍ୟୁଙ୍କୁ ଫୋନ୍ କଲେ କେହି ଫୋନ ଉଠାଉନାହାନ୍ତି। ଅରୁଣ ସେମାନଙ୍କ ସହ ବାରମ୍ବାର ଯୋଗାଯୋଗ କରିବା ପରେ ଶେଷରେ ସେମାନଙ୍କ ନାଁରେ ଥାନାରେ ଏତଲା ଦେଇଛନ୍ତି। ଏ ସମ୍ପର୍କରେ ଏଏସ୍‌ଆଇ ଏଲ୍‌କେ ପଣ୍ଡାଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗକାରୀ ଦେଇଥିବା ମୋବାଇଲ ନମ୍ବରରେ ଯୋଗାଯୋଗ କରାଯାଇଛି। ସେ ଗଜପତି ଜିଲାର ବୋଲି ଜଣାପଡିଛି। ଟଙ୍କା ନ ଫେରାଇଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲ ଏଏସ୍‌ଆଇ ପଣ୍ଡା କହିଛନ୍ତି।

## ଗଞ୍ଜେଇ ଚୋରା କାରବାରରେ ଜଣେ ଗିରଫ

ଜୟପୁର, ୩।୧୨ (ପବନ ପାଣିଗ୍ରାହୀ)

ଗଞ୍ଜେଇ କାରବାର କରୁଥିବା ଏବଂ ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ଥିବା ଅଭିଯୋଗରେ ଜୟପୁର ସଦର ପୋଲିସ ଚଢାଉ କରି ରବିବାର ଜଣଙ୍କୁ ଗିରଫ କରିଛି। ସେ ହେଲେ କେରାପୁଟରେ ସୁବାଷ ହରିଜନ। ଗତ ୭।୧୨।୨୦୨୨ରେ ପୋଲିସ କୋରାପୁଟରେ ଚଢାଉ କରି ସୁବାଷଙ୍କଠାରୁ ୧୦୨ କେଜି ଗଞ୍ଜେଇ ଜବତ କରିଥିଲା। ଏହି ମାମଲାରେ ପୂର୍ବରୁ କୋରାପୁଟର ମଦନ ହରିଜନ ଏଲିଏସ ଟାକରି (୨୫)ଙ୍କୁ ଗିରଫ କରାଯାଇଥିଲା। ତେବେ ସୁବାଷ ଫେରାର ଥିଲେ। ରବିବାର ତାଙ୍କ ସମ୍ପର୍କରେ ସୂଚନା ପାଇ ସଦର ପୋଲିସ ଚଢାଉ କରି ସୁବାଷଙ୍କୁ ଗିରଫ କରିଛି ବୋଲି ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

# ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବେ ଅମଲା

ଜୟପୁର,୩।୧୨(ପବନ ପାଣିଗ୍ରାହୀ)

ରାଜ୍ୟ ମିଳିତ ଅମଲା ମଞ୍ଚର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଭୁବନେଶ୍ୱରସ୍ଥିତ ଗୀତ ଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇ ଦାବିପୂରଣରେ ସରକାରଙ୍କ ଅବହେଳାର ପ୍ରତିବାଦରେ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ହୋଇଛି। ଭୁବନେଶ୍ୱର ବୈଠକରେ ଅମଲାମାନଙ୍କ ଏକମାତ୍ର ଦାବି କନିଷ୍ଠ ସହାୟକମାନଙ୍କ ପ୍ରବେଶିକା ଦରମା ହାର ୪୨୦୦ ଗ୍ରେଡ ପେ ଉପରେ ଆଲୋଚନା ହୋଇଥିଲା। ରାଜ୍ୟ ଆବାହକ ଚିତ୍ତରଞ୍ଜନ ତରାସିଆଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ବୈଠକରେ ଓଡ଼ିଶା ଅମଲା ସଂଘ, ରାଜସ୍ୱ ଅମଲା ସଂଘ, ଟ୍ରେଜେରି ଅମଲା ସଂଘ ଓ ନିବନ୍ଧକ ଅମଲା ସଂଘର ରାଜ୍ୟ ସଭାପତି, ସମ୍ପାଦକ, ସବୁ ଜିଲାର ମିଳିତ ଅମଲା ମଞ୍ଚ ଅଧକ୍ଷ, ଆବାହକମାନେ ଯୋଗ ଦେଇଥିଲେ। କୋରାପୁଟ ଜିଲାରୁ ମିଳିତ ଅମଲା ମଞ୍ଚ ଆବାହକ ତଥା ସଭାପତି ଶଶୀଭୂଷଣ ଦାଶ ଯୋଗଦେଇ କୋରାପୁଟ ଜିଲା ପକ୍ଷରୁ ମତାମତ ରଖିଥିଲେ। ଗତ ୧୭।୬।୨୦୨୩ରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଅମଲାମାନଙ୍କ ଉପରୋକ୍ତ ଦାବିପୂରଣ ଲାଗି ସରକାର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ୬ ମାସ ବିତିଯାଇଥିଲେ ସୁଦ୍ଧା ଏ ଦିଗରେ ଏଯାଏ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସ୍ଥଗିତ ରଖାଯାଇଥିବା ଆନ୍ଦୋଳନକୁ ପୁଣିଥରେ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଥିଲା। ସୂଚନାଯୋଗ୍ୟ, ଏହି ଦାବିପୂରଣ ନେଇ ରାଜ୍ୟର ସବୁ ଜିଲାର ଜିଲାସ୍ତରୀୟ ଅମଲା ଜୁନ ୧ରୁ ସମୂହ ଛୁଟିରେ ରହିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ତରଫରୁ ୫-ଟି ଅଧକ୍ଷଙ୍କ ନିକଟରୁ ପ୍ରତିଶ୍ରୁତି ପାଇବା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା। ଯଦି ସରକାର ଦାବିପୂରଣ ନ କରନ୍ତି ତାହେଲେ ଏହାର ପ୍ରତିବାଦ ଜଣାଇ ୧୫ ତାରିଖଠାରୁ ଜିଲାସ୍ତରୀୟ ସମସ୍ତ ଅମଲା ସମୂହ ଛୁଟିରେ ରହିବେ, ଧାରଣା ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି।




ବୈଠକରେ ଏକାଠି ହୋଇଥିବା ଅମଲାମାନେ ।

## ସିଆଇଏସଏଫ୍, ଓଡ୍ରାଫର ବିପର୍ଯ୍ୟୟ ପ୍ରଶମନ ଅଭ୍ୟାସ

ଦାମନଯୋଡି,୩।୧୨(ନରସିଂହ ବ୍ରହ୍ମା)

ଦାମନଯୋଡି କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ (ସିଆଇଏସଏଫ୍)ର ଅଗ୍ନିଶମ ବାହିନୀ ଓ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ଦଳ ମିଳିତଭାବେ ବିପର୍ଯ୍ୟୟ ପ୍ରଶମନ ଅଭ୍ୟାସ ରବିବାର ପ୍ରଦର୍ଶନ କରିଛନ୍ତି। କମାଣ୍ଡାଣ୍ଟ ସତୀଶ କୁମାର ସିଂଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅଗ୍ନିଶମବାହିନୀର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ନରେନ୍ଦ୍ର କୁମାର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସିଆଇଏସଏଫ୍ ସୁରକ୍ଷା ବାହିନୀ, ରାଜ୍ୟ ପୋଲିସ୍, ନାଲକୋ ପ୍ରକଳ୍ପର ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଦ୍ୟୁତିକ ଶର୍ଟ ସର୍କିଟ, କୌଣସି କୋଠା ବା ଘରେ ନିଆଁ ଲାଗିଲେ, ଜଳାଶୟରେ ବୁଡିଯାଉଥିଲେ କିପରି ଧନଜୀବନ ସୁରକ୍ଷିତ ଭାବେ ଉଦ୍ଧାର କରାଯିବ ସେ ସମ୍ପର୍କରେ ବିଭିନ୍ନ ନମୁନା ପ୍ରଦର୍ଶନ କରାଯାଇଥିଲା। ଡେପୁଟି କମାଣ୍ଡାଣ୍ଟ ବି.ସୁନନ୍ଦା, ଏକ୍ଜୁକେଟିଭ ଇନ୍ସପେକ୍ଟର ଚନ୍ଦ୍ରଶେଖର ଦାନି, ଇଣ୍ଟେଲିଜେନ୍ସି ଇନ୍ସପେକ୍ଟର ଜିତେନ ଚୌଧୁରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ସାମାଜିକ କର୍ମୀଙ୍କ ଦଶାହରେ ଶ୍ରଦ୍ଧାଞ୍ଜଳି



ଶୁକ୍ରା ମାଡିଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଉଛି ।

ମାଲକାନଗିରି,୩।୧୨(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଦ୍ୱିତୀୟ ଲକ୍ଷ୍ମଣ ନାୟକ ଭାବେ ପରିଚିତ ସାମାଜିକକର୍ମୀ ତଥା ଆଦିବାସୀ ନେତା ଶୁକ୍ରା ମାଡିଙ୍କ(୮୧)ରେ ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁରେ ୧୦ଦିନ ପରେ ଗୋଇ ପର୍ବତ ଉପରେ ନିଜ ଗ୍ରାମ ଶୁକ୍ରାଗୁଡାରେ ରବିବାର ଦଶାହ କାର୍ଯ୍ୟ ଜିଲା ଓ ଜିଲା ବାହାରରୁ ଶହ ଶହ ଆଦିବାସୀ ପୁରୁଷ ମହିଳା ଯୋଗଦେଇ ସମାଧିରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଆଦିବାସୀମାନଙ୍କ ହକ୍ ପାଇଁ ଲଢେଇ କରିବା ସହ ଜଙ୍ଗଲ ଅଧିକାର ଆଇନ ଲାଗୁ, ଘରଡିହ ପଟ୍ଟା, ଆଦିବାସୀଙ୍କ ଜଳ, ଜମି, ଜଙ୍ଗଲ ପଟ୍ଟା, ବିଭିନ୍ନ କମ୍ପାନୀକୁ ବିରୋଧ, କରିବା ସହ ଆଦିବାସୀଙ୍କ ଅତ୍ୟାଚାର ବିରୋଧରେ ସେ ଲଢେଇ କରି ସମଗ୍ର ଜିଲାରେ ପ୍ରଶଂସାର ପାତ୍ର ହୋଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଆଦିବାସୀ ମହାସଂଘର ବାଲାରାଜୁ ଗାମେଲଙ୍କ ଅଧକ୍ଷତାରେ ଏକ ଶୋକସଭାର ଆୟୋଜନ କରାଯାଇଥିଲା। ଏଥିରେ ବିଶିଷ୍ଟ ଆଦିବାସୀ ନେତାମାନଙ୍କ ସହ ଆଦିବାସୀ ମହାସଂଘ ଉପଦେଷ୍ଟା ବିଦେଶୀ ଗୌଡ, ଯୁବ ଆଦିବାସୀ ନେତା ସନୁ ଅନୁଗୁ, ରତ୍ନାକର ଦାଶ, କେଶବ ନାୟକ, ଦୁର୍ଯ୍ୟୋଧନ ପାତ୍ର, ବାଲାରାଜୁ ଆଚାରୀ ଓ ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନ ପ୍ରତିନିଧିମାନେ ସ୍ୱର୍ଗତ ଶୁକ୍ରାଙ୍କ ସ୍ମୃତିଚାରଣ କରିଥିଲେ।

# 'ସମାଜରେ ଦିବ୍ୟାଙ୍ଗଜନଙ୍କ ସମାନ ଅଧିକାର ରହିଛି'

**ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ**

କୋରାପୁଟ,୩।୧୨(ଅମିତାଭ ବେହେରା)

ଜିଲା ପ୍ରଶାସନର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ଉପ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ-୨୦୨୩ ରବିବାର ସ୍ଥାନୀୟ ଏକ ହୋଟେଲରେ ପାଳିତ ହୋଇଛି। ଏଥିରେ କୋରାପୁଟ ଜିଲାର ୧୪ ବ୍ଲକ ଓ ୪ ପୌରାଞ୍ଚଳରୁ ୩୩୫ ଜଣ ଦିବ୍ୟାଙ୍ଗ ଯୋଗ ଦେଇଥିଲେ। ଦିବ୍ୟାଙ୍ଗଜନଙ୍କ ସମାଜରେ ଅବଦାନ ଏବଂ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧନ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲା ପରିଷଦ ଅଧକ୍ଷା ସସ୍ମିତା ମେଲକା, ଯୋଗ ଦେଇ ସମସ୍ତ ଦିବ୍ୟାଙ୍ଗଙ୍କ ସମାଜରେ ସମାନ ଅଧିକାର ରହିଛି। ସେମାନଙ୍କୁ ସବୁବେଳେ ସମ୍ମାନ ଦେବା ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥିରୂପେ ଉପଜିଲାପାଳ ବେଣୁଧର ଶବର, ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅରୁଣ ପାଢୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ତରୁଣ ତପନ ପ୍ରହରାଜ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ ହିଆଲ, ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝିଶୁଭାରମ୍ଭ କରିଥିଲେ। ଏହି ଅବସରରେ ଏକ ପଦଯାତ୍ରା ହୋଇଥିଲା। ପରେ ଶ୍ରୀ ଅରବିନ୍ଦ ବିଦ୍ୟାଳୟ, ସରାକାରୀ ବାଳିକା ବାଦ୍ୟାଳୟ, ମାନସ ବିଦ୍ୟାଳୟ, ଦୃଷ୍ଟିବାଧିତ ବିଦ୍ୟାଳୟ, ଏବଂ ସୁନାବେଡା ଶ୍ରବଣବିଧିତ ବିଦ୍ୟାଳୟ ଦିବ୍ୟାଙ୍ଗ ଛାତ୍ରୀଛାତ୍ରୀଙ୍କ ମଧ୍ୟରେ ପୂର୍ବରୁ ହୋଇଥିବା ପ୍ରବନ୍ଧ, ବକ୍ତୃତା, ନାଟକ ଏବଂ ସଙ୍ଗୀତ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ ଅଗ୍ନିଶମ ବିଭାଗ, ପୋଲିସ ବିଭାଗ, ସ୍ୱେଡ୍ ବେସରକାରୀ ସଂସ୍ଥା ଏବଂ ଏକତା ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ସହାୟତା କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆହାନ ବୈଦ, କନିଷ୍ଠ ସହାୟକ ସୁବ୍ରତ ପାଣିଗ୍ରାହୀ, ସୁଧାଂଶୁ ସିଂ, ହରି ହାଲବା, ସୁଶାନ୍ତ ବୀରଦଳେଇ, ଆଦିତ୍ୟ ପଣ୍ଡା କାର୍ଯ୍ୟକ୍ରମ ପରିଚାଳା କରିଥିଲେ।



ଜଣେ ଦିବ୍ୟାଙ୍ଗ ଶିଶୁଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି ।

# କର୍ମୀ ସମ୍ମିଳନୀ କରି କଂଗ୍ରେସ ବଜାଇଲା ନିର୍ବାଚନ ବିଗୁଲ

ଜୟପୁର,୩।୧୨ (ପବନ ପାଣିଗ୍ରାହୀ)

ଜୟପୁରରେ ରବିବାର କଂଗ୍ରେସ ସମ୍ବର୍ଦ୍ଧନା ସଭା ଓ କର୍ମୀ ସମ୍ମିଳନୀ କରି ନିର୍ବାଚନ ବିଗୁଲ ବଜାଇଛି। ଆସ ଦୁର୍ନୀତି ହଟାଇବା ନୂଆ ଓଡିଶା ଗଢିବା ସ୍ଲୋଗାନ ସ୍ଲୋଗାନ ଦେଇ ଗ୍ଲୋକାଲ ହସପିଟାଲଠାରୁ କଂଗ୍ରେସର ବିଶାଳ ବାଇକ ଶୋଭାଯାତ୍ରା ସହର ପରିକ୍ରମା କରି ଦଶହରା ପଡିଆଠାରେ ପହଁଚିଥିଲା। ସେଠାରେ କର୍ମୀ ସମ୍ମିଳନୀ ହୋଇଥିଲା। ଶୋଭାଯାତ୍ରା ଓ କର୍ମୀ ସମ୍ମିଳନୀରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ଖରିଆର ବିଧାୟକ ଅଧିରାଜ ପାଣିଗ୍ରାହୀ, ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ରାଜ୍ୟ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, ପିସିସି ସାଧାରଣ ସମ୍ପାଦିକା ମିନାକ୍ଷୀ ବାହିନୀପତି , ପୌରାଧକ୍ଷ ନରେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀରେ ନବ ନିଯୁକ୍ତ ଦଳୀୟ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ମିଶ୍ରଣ ପର୍ବରେ ଭାଜପା ଓ ବିଜେଡି ଛାଡି ଶତାଧିକ କର୍ମୀ ଓ ନେତା କଂଗ୍ରେସରେ ସାମିଲ ହୋଇଥିଲେ। ବିଧାୟକ ବାହିନୀପତି ନିଜ ଉଦ୍‌ବୋଧନରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ । ଜିଲାର ଶିକ୍ଷିତ ଯୁବତୀଯୁବକଙ୍କୁ ନିଜ ଜିଲାରେ ନିଯୁକ୍ତି ମିଳୁନାହିଁ। ଏଠାରେ ବାହାର ଜିଲାର ପିଲା ନିଯୁକ୍ତି ପାଉଛନ୍ତି । ନବୀନ ସରକାର କୋରାପୁଟ ଜିଲାକୁ କ'ଣ ଦେଇଛନ୍ତି ବୋଲି ବାହିନୀପତି ପ୍ରଶ୍ନ ଉଠାଇଥିଲେ। ନନ୍ଦପୁର, ଜୟପୁର ବ୍ଲକ, କାଶୀପୁର ଆଦି ଅବିଭକ୍ତ କୋରାପୁଟ ଜିଲାର ଖଣି ଖାଦନକୁ ବିକ୍ରି କରିଦେଲେ । ରହିଥିବା କଳ କାରଖାନାକୁ ବନ୍ଦ କଲେ । ଜୟପୁର ପେପର ମିଲ୍ ଠିକ୍ ରୂପେ ଚାଲିପାରୁନି। ଏଠାକାର ବିଜେଡି ନେତାମାନେ ପେପର ମିଲ୍‌କୁ ଚାଲାଇବାକୁ ଦେଉନାହାନ୍ତି ବୋଲି ବାହିନୀପତି ଅଭିଯୋଗ କରିଥିଲେ। ଭାଜପା ଓ ବିଜେଡି ଗୋଟିଏ ଟଙ୍କାର ଦୁଇଟି ପାର୍ଶ୍ୱ ବୋଲି ପ୍ରକାଶ କରି ବିଧାୟକ ବାହିନୀପତି କହିଲେ, ବିଜେଡିକୁ ଭୋଟ ଦେବା ଯାହା ଭାଜପାକୁ ଭୋଟ ଦେବା ତାହା। ଅନ୍ୟତମ ଅତିଥି ଦେବେନ୍ଦ୍ର ବାହିନୀପତି କହିଥିଲେ ଜୟପୁର ନିବାଚନ ମଣ୍ଡଳୀରେ ଦୀର୍ଘ ୧୫ ବର୍ଷ ଶାସନ କରି ଜଣେ ପୂର୍ବତନ ମନ୍ତ୍ରୀ ଭୟଭିତ କରି ଲୋକଙ୍କୁ ଶୋଷଣ କରୁଥିଲେ। ବିଧାୟକ ବାହୀନିପତି ଜୟପୁର ବିଧାୟକ ହେବା ପରେ ବିକ୍ରମଦେବ କଲେଜ ୟୁନଭରସିଟି କଲେ। ଜିଲା ଚିକିତ୍ସାଳୟ , ମୁଖ୍ୟ ଟ୍ରାଫିକ ଛକରେ ବିରାଟ ପ୍ଲାଗ, ଗମନା ଗମନ, ପ୍ରତ୍ୟେକ ଓ୍ୱାର୍ଡରେ ବିକାଶ, ପାନୀୟ ଜଳ ଯୋଗାଣ ସହ ଭତ୍ତା, ଆବାସ ଆଦି ଉପରେ ଗୁରୁତ୍ୱ ଦେଇ ଏଥିରେ ପ୍ରକୃତ ହିତାଧିକାରୀ ଉପକୃତ ହୋଇଛନ୍ତି ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିନୋଦ ମହାପାତ୍ର, ସୁକାନ୍ତ ପଟ୍ଟନାୟକ, ଜିଲା ମହିଳା ସଭାନେତ୍ରୀ ନଳିନି ରଥ, ଜିଲା ଯୁବ କଂଗ୍ରେସ ସଭାପତି ସନ୍ଦିପ ସାମନ୍ତରାୟ, ବ୍ଲକ କଂଗ୍ରେସ ସଭାପତି ବସନ୍ତ ନାୟକ, ଜିଲା ପରିଷଦ ସଭ୍ୟା ପିଙ୍କୁ ଶତପଥୀ, ବୋରିଗୁମ୍ମା ବ୍ଲକ ସଭାପତି ଅଶୋକ ଗନ୍ତାୟତ, ନବରଙ୍ଗପୁର ଯୁବ କଂଗ୍ରେସ ସଭାନେତ୍ରୀ ଲିପିକା ମାଝୀ, ମାଲକାନଗିରି ଜିଲା ଯୁବ ସଭାପତି ମନୋଜ ନାୟକ,ଦଳୀୟ କାଉନସିଲର କଂଗ୍ରେସର ବ୍ଲକ ସଭାପତିମାନେ ପ୍ରମୁଖ ଉପସ୍ଥିତ ଥିଲେ।



କଂଗ୍ରେସ କର୍ମୀ ଓ କର୍ମକର୍ତ୍ତା ଶୋଭାଯାତ୍ରାରେ ଦଶହରା ପଡିଆକୁ ଯାଉଛନ୍ତି।

**ବନିତା ପ୍ଲେ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ**

ଜୟପୁର,(ପବନ ପାଣିଗ୍ରାହୀ)- ଜୟପୁରସ୍ଥିତ ବନିତା ପ୍ଲେ ସ୍କୁଲର ତୃତୀୟ ବାର୍ଷିକ କ୍ରୀଡା ଉତ୍ସବ ରବିବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଯଜ୍ଞେଶ୍ୱର ପଣ୍ଡା, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଜାନକୀ ପାଣିଗ୍ରାହୀ, ଅନ୍ୟତମ ଅତିଥି ଭାବେ ଶିବାଶିଷ ପାଣିଗ୍ରାହୀ ସମ୍ମାନିତ ଅତିଥି ରୂପେ ସ୍କୁଲ ଆଧକ୍ଷା ବନିତା ମହାପାତ୍ର ଯୋଗ ଦେଇ ଥିଲେ। ବର୍ତ୍ତମାନ ସମୟରେ କ୍ରୀଡାର ଆବଶ୍ୟକତା ଉପରେ ଅତିଥିମାନେ ଛାତ୍ରୀଛାତ୍ରୀଙ୍କୁ ଅବଗତ କରାଇ ପାଠପଢା ସହ କ୍ରୀଡାରେ ରଚି ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରୀଙ୍କ ମଧରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା।

## ସଂକ୍ଷେପରେ

### ବିଧବା, ଅସହାୟା ମହିଳାଙ୍କୁ ଶୁଖିଲା ଖାଦ୍ୟ

ତେନ୍ତୁଳିଖୁଣ୍ଟି, ୩।୧୨ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ପୋଡାଲଗୁଡ଼ାସ୍ଥିତ 'ସୋସାଇଟି ଫର୍ ସୋସିଆଲ ସଲିଡାରିଟି' ଅନୁଷ୍ଠାନ ପକ୍ଷରୁ ତେନ୍ତୁଳିଖୁଣ୍ଟି ବ୍ଲକ କଂଗ୍ରା ପଞ୍ଚାୟତର ବିଭିନ୍ନ ଗାଁରେ ବିଧବା ଓ ଅସହାୟା ମହିଳାଙ୍କ ପରିବାରକୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। କନ୍ଧଗୁଡ଼ା, କଂଗ୍ରା, ମାଝିଗୁଡା ଓ ବଣ୍ଡାହାରିଆଗୁଡ଼ାରେ ଏହି ଖାଦ୍ୟ ବଣ୍ଟନ କରାଯାଇଛି। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟ ଅତିଥି, ପଞ୍ଚାୟତ ସମିତି ଅଧ୍ୟକ୍ଷା ନୀଳାଦ୍ରି ନାୟକ, ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ, ପୂର୍ବତନ ଉପାଧ୍ୟକ୍ଷ ତନ୍ମୟ ନାୟକ, କଂଗ୍ରା ସରପଞ୍ଚ ରୁକ୍ମଣୀ ମାଝି, ନାଏବ ସରପଞ୍ଚ ରାମେଶ୍ୱରୀ ଭୋଇ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଗୋଲକ ନାୟକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଛନ୍ତି। ଅନୁଷ୍ଠାନ ନିର୍ବାହୀ ଅଧ୍ୟକ୍ଷ ଏସ୍‌. ଅଶୋକ କୁମାର ଅତିଥି ଓ ଗ୍ରାମବାସୀଙ୍କୁ ସ୍ୱାଗତ ଜଣେଇବା ଅନୁଷ୍ଠାନ ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଏହାପରେ ଅତିଥିମାନେ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ତେନ୍ତୁଳିଖୁଣ୍ଟି ବ୍ଲକର ପ୍ରାୟ ୫୫ଟି ପରିବାରକୁ ଦରି ବଣ୍ଟନ କରାଯାଇଥିଲା। ଏହି ଦରି ଓ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଉପସ୍ଥିତ ଥିଲେ।

### ଜିଲ୍ଲାସ୍ତରୀୟ ମଣ୍ଡେଇ କବିତା ପାଠୋତ୍ସବ

ନବରଙ୍ଗପୁର,୩।୧୨ (ସଦାଶିବ ପ୍ରହରାଜ)

ମଣ୍ଡେଇ ୨୦୨୩ ପାଳନ ପରିପ୍ରେକ୍ଷୀରେ ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଛି। କବିତା ପାଠୋତ୍ସବ ଓ ସ୍ମରଣିକା କମିଟି ଅଧ୍ୟକ୍ଷ ବିଜୟ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ଡ କମଳ ଲୋଚନ ମିଶ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। କମିଟିର ଉପଦେଷ୍ଟା ତଥା ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ନାୟକ , ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଉପଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଆସିଷ୍ଟାଣ୍ଟ କଲେକ୍ଟର ଆଶୁତୋଷ ପାତ୍ର, ଅଶ୍ୱିନୀ କୁମାର ମାଝି, ସୁବ୍ରତ ବେହେରା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଡିଆଇପିଆର୍‌ଓ ହଳଧର ନିଆଲ କବିତା ପାଠୋତ୍ସବ ପରିଚାଳନା କରିଥିଲେ। ସାଇକେୟାର ଏଜୁକେଶନ ଛାତ୍ରୀ ମାନେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମରେ ୧୦ ବ୍ଲକ ଓ ୨ ପୌର ପାଳିକାରୁ ଶତାଧିକ କବୟିତ୍ରୀ ଓ କବି ଯୋଗ ଦେଇଥିଲେ। ସେମାନେ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମକୁ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସ୍ୱର୍ଣ୍ଣଲତା ପଟ୍ଟନାୟକ, ଜେମାମଣି ବିଷୋୟୀ, ବନ୍ଦିତା କର, ଜାହ୍ନବୀ ପଣ୍ଡା, ନମିତା ଘଡ଼େଇ, ସ୍ୱପ୍ନା ମହାନ୍ତି ଓ ସୁଶୋଭିତା ମେରିଲିନ ତୁରୁକୁ ସଂଯୋଜନା କରିଥିଲେ। ଚଳିତ ବର୍ଷ କବିତା ପାଠୋତ୍ସବରେ ନାବାଳକ ଓ ନବାଗତ ଯୁବ କବି ମାନେ ଅଂଶ ଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା। ସମସ୍ତଙ୍କୁ ଅତିଥିମାନେ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କମିଟିର ସଦସ୍ୟ ଜଗଦୀଶ ଚନ୍ଦ୍ର ତ୍ରିପାଠୀ, ଡ ବିଜୟ ମିଶ୍ର, ମୁନା ତ୍ରୀପାଠୀ, ଧରିତ୍ରୀ ପୁଜାରୀ, କିଶୋର ପଟ୍ଟନାୟକ, ଦୁର୍ଗା ପ୍ରସାଦ ପାଢୀ ପ୍ରମୁଖ ସହଯୋଗ କରିଥିଲେ।

# ସମବେଦନା ବଦଳରେ ସହଯୋଗର ହାତ ବଢ଼ାଅ

ନବରଙ୍ଗପୁର,୩।୧୨ (ସଦାଶିବ ପ୍ରହରାଜ)



ଅତିଥି, ଅଧିକାରୀ, ଛାତ୍ରୀଛାତ୍ର ଓ ଦିବ୍ୟାଙ୍ଗଙ୍କୁ ନେଇ ବାହାରିଥିବା ଶୋଭାଯାତ୍ରା ସହର ପରିକ୍ରମା କରୁଛି।

ନବରଙ୍ଗପୁର ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ସ୍ଥାନୀୟ ରାଜା ଚୈତନ୍ୟ ଦେବ ସରକାରୀ ଉଚ୍ଚବିଦ୍ୟାଳୟ ଖେଳ ପଡ଼ିଆରେ ପାଳନ କରାଯାଇଛି। ଏହି ଅବସରରେ ତହସିଲ କାର୍ଯ୍ୟାଳୟରୁ ଛାତ୍ରୀଛାତ୍ର, ଦିବ୍ୟାଙ୍ଗଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଦିବ୍ୟାଙ୍ଗମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଶିବିର କରାଯାଇଛି। ଜିଲ୍ଲାପାଳ ଡକ୍ଟର କମଳ ଲୋଚନ ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି ଶିବିର ଉଦ୍‌ଘାଟନ କରିଥିଲେ। ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ତାତ୍ପର୍ଯ୍ୟ ସମ୍ପର୍କରେ ଜିଲ୍ଲାପାଳ କହିଥିଲେ। ବରିଷ୍ଠ ନାଗରିକ, ଦିବ୍ୟଙ୍ଗ, ତୃତୀୟ ଲିଙ୍ଗଙ୍କ ପ୍ରତି ସମବେଦନା ବଦଳରେ ସମସ୍ତେ ସହଯୋଗର ହାତ ବଢ଼ାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଯୋଗଦେଇ ଥିଲେ। ଦିବ୍ୟାଙ୍ଗ ପିଲାଙ୍କୁ ନେଇ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି।

ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା. ସୁକାନ୍ତ ଶତପଥୀ, ଡିଆଇପିଆର୍‌ଓ ହଳଧର ନିଆଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲ୍ଲା କ୍ରୀଡ଼ାଧିକାରୀ ଶ୍ରୀନୁ, ବିଭିନ୍ନ ଶିକ୍ଷାନୁଷ୍ଠାନ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଯୋଗଦେଇଥିଲେ। ଦିବ୍ୟାଙ୍ଗମାନେ ନିଜେ ତିଆରି, ଉତ୍ପାଦନ କରୁଥିବା ବିଭିନ୍ନ ସାମଗ୍ରୀ ଷ୍ଟଲ ପକାଇଥିଲେ। କ୍ରୀଡ଼ା ପ୍ରତିଯୋଗିତାକୁ କ୍ରୀଡ଼ା ପ୍ରଶିକ୍ଷକମାନେ ପରିଚାଳନା କରିଥିଲେ। ୨ ଦିବ୍ୟାଙ୍ଗଙ୍କୁ ବିବାହ ପ୍ରୋତ୍ସାହନ ରାଶି ବାବଦକୁ ୨ଲକ୍ଷ ୫୦ ହଜାର ଲେଖାଏ ଟଙ୍କା ପ୍ରଦାନ କରାଯାଇଛି। ଏଥିରେ ସାମାଜିକ ସୁରକ୍ଷା ବିଭାଗ କର୍ମଚାରୀ ସହଯୋଗ କରିଥିଲେ। ବିଭିନ୍ନ ବ୍ଲକରୁ ଅଧିକାରୀ, ବିଆରଟି ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଆଶାକିରଣ ପ୍ରିନ୍ସିପାଲ ଜଗନ୍ନାଥ ବେହେରା ପରିଚାଳନା କରିଥିଲେ।

**ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ**

# ଅନ୍ତର୍ଜାତୀୟ କିକ୍ ବକ୍ସିଂରେ ଭାଗନେବେ ରୁଦ୍ର

ଉମରକୋଟ, ୩।୧୨ (ସନ୍ତୋଷ ଶତପଥୀ)

**ଜାତୀୟସ୍ତରରେ ଜିତିଲେ ବ୍ରୋଞ୍ଜ ପଦକ**


ରୁଦ୍ର ପ୍ରତାପ ବିଶ୍ୱାଳ।

ନବରଙ୍ଗପୁର ଜିଲ୍ଲା ଉମରକୋଟ ଅଞ୍ଚଳର ରୁଦ୍ର ପ୍ରତାପ ବିଶ୍ୱାସ ଜାତୀୟ କିକ୍ ବକ୍ସିଂ ପ୍ରତିଯୋଗିତାରେ ଭାଗନେଇ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏଥିସହ ସେ ଆସନ୍ତା ମାର୍ଚ୍ଚରେ ଥାଇଲାଣ୍ଡରେ ହେବାକୁ ଥିବା ଅନ୍ତର୍ଜାତୀୟ କିକ୍ ବକ୍ସିଂ ପ୍ରତିଯୋଗିତାରେ ଭାରତ ପକ୍ଷରୁ ଖେଳିବେ।

ଉମରକୋଟ ସହର ନିକଟ ଅଧିକାରୀଗୁଡ଼ା ଗ୍ରାମର ବ୍ରିଟିଶ ବିଶ୍ୱାସ ଓ ବିଭାରାଣୀ ପୁଅ ରୁଦ୍ର ସ୍ଥାନୀୟ ଗୁରୁକୃପା ବିଜ୍ଞାନ ମହାବିଦ୍ୟାଳୟର ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ର। ରୁଦ୍ର ଡିସେମ୍ବର ୧ରୁ ୩ ପର୍ଯ୍ୟନ୍ତ ନୂଆଦିଲ୍ଲୀସ୍ଥିତ ଇନ୍ଦିରା ଗାନ୍ଧୀ ସ୍ପୋର୍ଟସ କମ୍ପ୍ଲେକ୍ସରେ ଜାତିୟ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ୫୯୬ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ରୁଦ୍ର ଗୁଜୁରାଟ, ଆସାମ, ମୁମ୍ବାଇ, କେରଳ ପ୍ରତିଯୋଗୀଙ୍କୁ ହରାଇ ଥିଲେ। କିନ୍ତୁ ତେଲେଙ୍ଗାନାର ପ୍ରତିଯୋଗୀଙ୍କଠାରୁ ପରାସ୍ତ ହୋଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ମାର୍ଚ୍ଚ ୯ରୁ ୧୬ ପର୍ଯ୍ୟନ୍ତ ଥାଇଲାଣ୍ଡର ଫୁକେଟ ରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତର୍ଜାତିକ ପ୍ରତିଯୋଗିତାରେ ଭାରତ ପକ୍ଷରୁ ଖେଳିବାକୁ ରୁଦ୍ର ମନୋନୀତ ହୋଇଛନ୍ତି। ରୁଦ୍ରଙ୍କୁ ଏହାପରେ ବିଭିନ୍ନ ମହଲରୁ ଲୋକେ ଶୁଭେଚ୍ଛା ଜଣାଉଛନ୍ତି।

# 'ଦଳୀୟ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଅ'

ଉମରକୋଟ, ୩। ୧୨ (ସନ୍ତୋଷ ଶତପଥୀ)

**ବିଜେଡିର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ**

ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କ ଉମରକୋଟସ୍ଥିତ ବାସ ଭବନରେ ଏକ କର୍ମୀ ସମ୍ମିଳନୀ କରାଯାଇଥିଲା। ଉମରକୋଟ ବିଧାନ ସଭା ନିର୍ବାଚନ ମଣ୍ଡଳୀର ଉମରକୋଟ ବ୍ଲକରେ ଆସୁଥିବା ୧୧ ପଞ୍ଚାୟତର ଲୋକେ ଏଥିରେ ସାମିଲ ହୋଇଥିଲେ। ଏମ୍‌ପିଙ୍କ ବ୍ୟତିତ ରାଜ୍ୟ ଉଠା ଜଳସେଚନ ନିଗମର ଉପଦେଷ୍ଟା ପ୍ରମୋଦ ପାଢ଼ୀ, ବ୍ଲକ ବିଜେଡି ସଭାପତି ମନୋଜ ଧଳ, ବିରସିଂ ମାଝି, ବିଜେଡି ସମର୍ଥିତ ସରପଞ୍ଚ, ୱାର୍ଡ଼ ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, ପଞ୍ଚାୟତର ବିଜେଡି ସଭାପତି ପ୍ରମୁଖ ଉପସ୍ଥିତ ଥିଲେ। ଦଳୀୟ କାର୍ଯ୍ୟ ଆରମ୍ଭ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନାକୁ ଲୋକଙ୍କ ପାଖକୁ ନେବାକୁ ଏମ୍‌ପି ମାଝି କର୍ମୀମାନଙ୍କୁ ଅନୁରୋଧ କରିଛନ୍ତି। ଯେଉଁ ଗ୍ରାମରେ ଯାହା ସବୁ ମୌଳିକ ସମସ୍ୟା ତାହାକୁ ସମାଧାନ କରାଯିବ ବୋଲି ଏମ୍‌ପି ପ୍ରତିଶ୍ରୁତି ଦେଇଛନ୍ତି। ବୁର୍ଜା ପଞ୍ଚାୟତର ଭାଜପା ଆଇଟି ସଂଯାଜକ ପ୍ରମୋଦ ବାଗ, ଯୁଭି ୯ ପୂଜାରିଗୁଡାର ମନଜିତ ଗାଇନ ଏବଂ ଗଣେଶ ବୈରାଗୀ, ଦିନେଶ ସରକାର, ବିଜୟ ସରକାର, ବିଶ୍ୱଜିତ୍ ଗାଇନ, ବାସୁଦେବ ସରକାର, ପ୍ରସନ୍ନ ରାୟ ଓ ଜଗ ମଣ୍ଡଳ ପ୍ରମୁଖ ବିଜେଡିରେ ଯୋଗ ଦେଇଛନ୍ତି। ନବୀନ ସରକାରଙ୍କ ନିର୍ମଳ ଶାସନ, ଭାବମୂର୍ତ୍ତି ଏବଂ ଅନେକ ଜନ କଲ୍ୟାଣ ଯୋଜନା ଦେଖି ମୁଁ ଓ ମୋର ସହଯୋଗୀ ବିଜେଡିରେ ମିଶିଛୁ ବୋଲି ପ୍ରମୋଦ ବାଗ କହିଛନ୍ତି। ଏମ୍‌ପି ମାଝି ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ସମସ୍ତଙ୍କୁ ସ୍ୱାଗତ କରିଥିଲେ।


ବିଜେଡ଼ି ନେତା ଓ କର୍ମୀଙ୍କ ସହ ଦଳରେ ମିଶିଥିବା ନୂତନ ସଦସ୍ୟ।

### ବାଜା, ବାଣରେ ଭଗବାନଙ୍କୁ ଗାଁରେ ସ୍ୱାଗତ

ନବରଙ୍ଗପୁର,୩।୧୨ (ସଦାଶିବ ପ୍ରହରାଜ)

ଉତ୍ତରାଖଣ୍ଡ ଟନେଲରୁ ୧୭ ଦିନ ପରେ ସୁରକ୍ଷିତ ଉଦ୍ଧାର ହୋଇଥିବା ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ ତାଳବେଡା ଗ୍ରାମର ଭଗବାନ ଭତରା ଗାଁରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। ବାଜା ବଜାଇ, ନାଚଗାନ ଓ ବାଣ ଫୁଟାଇ ଗ୍ରାମବାସୀ ଓ ପରିବାର ଲୋକେ ଭଗବାନଙ୍କୁ ସ୍ୱାଗତ କରିଛନ୍ତି। ମାଆ ଛେଉଣ ଭଗବାନଙ୍କୁ ବଡ଼ ଭାଉଜ କୁମାରୀ ଭତରା ବନ୍ଧାପଣା



ଘରକୁ ଆଣିଥିଲେ। ସେ ରୋଷେଇ କରିଥିବା ବିଭିନ୍ନ ଖାଦ୍ୟ ଭଗବାନଙ୍କୁ ନିଜ ହାତରେ ଖୁଆଇ ଦେଇଥିଲେ। ଦୀର୍ଘ ବର୍ଷ ପରେ ଘରର ରନ୍ଧା ଖାଦ୍ୟ ଖାଇ ଭଗବାନ ଭାବ ବିହ୍ୱଳ ହୋଇଯାଇଥିଲେ।

### ଆଜିଠୁ ମଣ୍ଡେଇ ମଞ୍ଚ ନାଟକ

ନବରଙ୍ଗପୁର, ୩।୧୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲ୍ଲାସ୍ଥିତ ସଂସ୍କୃତି ଭବନରେ ଅତିରିକ୍ତ ଜିଲ୍ଲାପାଳ ମହେଶ ନାୟକଙ୍କ ଅଧ୍ୟକ୍ଷତାରେ ମଞ୍ଚ ନାଟକ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଛି। ମଣ୍ଡେଇ ମହୋତ୍ସବ ଅବସରରେ ସ୍ଥାନୀୟ ଶାସ୍ତ୍ରୀ ଭବନରେ ୮ଟି ନାଟକ ପ୍ରଦର୍ଶିତ ହେବ। ଏହା ସୋମବାର ୪ତାରିଖରୁ ଆରମ୍ଭ ହୋଇ ୭ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ସନ୍ଧ୍ୟାରେ ଝରିଗାଁ, ଉମରକୋଟ, ଦ୍ୱିତୀୟରେ ଡାବୁଗାଁ ଏବଂ ତେନ୍ତୁଳଖୁଣ୍ଟି, ତୃତୀୟ ସନ୍ଧ୍ୟାରେ ରାଇଘର ନବରଙ୍ଗପୁର ପୌରପାଳିକା ଓ ଶେଷ ଦିନ ନବରଙ୍ଗପୁର ଏବଂ କୋଷାଗୁମୁଡା ବ୍ଲକରୁ ନାଟକ ମଞ୍ଚସ୍ଥ ହେବ। ଏହି ବୈଠକରେ ଡିଆଇପିଆର୍‌ଓ ହଳଧର ନିଆଲ, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନଙ୍କ ସମେତ ମଞ୍ଚ ନାଟକ କମିଟି ସଦସ୍ୟ ଦେବଦାସ ମହାକୁଡ, ଦିଲ୍ଲୀପ ହୋତା, ମନୋଜ ପଟ୍ଟନାୟକ, ଦୁର୍ଗା ପାଢ଼ୀ, ଦୁର୍ଗା ପ୍ରଧାନ, ଫାଲଗୁନି ପାତ୍ର, ଜଗନ୍ନାଥ ବେହେରା, ଯୁଗଳ ତ୍ରିପାଠୀ, ମନରୋମା ମାଝି, ରବି ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ। ସଂସ୍କୃତି ଅଧିକାରୀ ଘାସିଆ ହରିଜନ ଧନ୍ୟବାଦ ଦେଇଥିଲେ।

# ଆଶାକିରଣରେ ଭିନ୍ନକ୍ଷମ ଦିବସ ପାଳିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ନବରଙ୍ଗପୁର, ୩।୧୨ (ସଦାଶିବ ପ୍ରହରାଜ)

ଭିନ୍ନକ୍ଷମ ଦିବସ ଅବସରରେ ନବରଙ୍ଗପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍‌ଏ) ପକ୍ଷରୁ ସ୍ଥାନୀୟ ଆଶାକିରଣ (ମାନସିକ ଅନଗ୍ରସର ପିଲାଙ୍କ ନିମନ୍ତେ ଶିକ୍ଷା ଓ ବୈଷୟିକ ତାଲିମ କେନ୍ଦ୍ର) ଅନ୍ତେବାସୀଙ୍କୁ ଫଳ ଓ ଚକୋଲେଟ ବଣ୍ଟନ କରାଯାଇଥିଲା। ଡିଏଲ୍‌ଏସ୍‌ଏ ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ସଂଜୀବ ଦୁବେ ଯୋଗ ଦେଇଥିଲେ। ଅନ୍ୟ ଅତିଥିଭାବେ ପରିବାର ବିଚାରବିଭାଗୀୟ ଜଜ୍ ଓ ପୁନରାଣୀ ମିଶ୍ର, ଡିଏଲ୍‌ଏସ୍‌ଏ ସଚିବ ଜନକ ରାଉତ, ବରିଷ୍ଠ ଦେୱାନୀ ଜଜ୍ ରାଜୀବ ଲୋଚନ ସାହୁ ଓ ଆଶାକିରଣ ଅଧ୍ୟକ୍ଷ ଜଗନ୍ନାଥ ବେହେରା ଉପସ୍ଥିତ ଥିଲେ। ଉପସ୍ଥିତ ଲୋକେ ପିଲାଙ୍କୁ ଫଳ ଓ ଉପହାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଡିଏଲ୍‌ଏସ୍‌ଏ ପକ୍ଷରୁ ପରିଚାଳନା କରାଯାଇଥିଲା।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ପାପଡ଼ାହାଣ୍ଡି,୩।୧୨ (ସ୍ୱପ୍ନଜିତ ପଟ୍ଟନାୟକ)

ପାପଡ଼ାହାଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ଶନିବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦୁର୍ଯ୍ୟୋଧନ ଭୋଇଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକ ଅଧ୍ୟକ୍ଷା ହେମଲତା ମାଝି, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା, ଜିଲ୍ଲା ପରିଷଦ ସଭ୍ୟ ଯଶବନ୍ତ ନାୟକ, ଡିଏସ୍‌ଏସ୍‌ଓ ସୁଧାଂଶୁ ପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ଶିବିରରେ ପାପଡ଼ାହାଣ୍ଡି ବ୍ଲକର ୨୩ ପଞ୍ଚାୟତରୁ ୫୨୧ ଜଣ ଦିବ୍ୟାଙ୍ଗ ନାମ ପଞ୍ଜୀକରଣ କରିଥିଲେ। ୨ ଜଣଙ୍କୁ ଟ୍ରାଇସାଇକେଲ, ୨ଜଣଙ୍କୁ ଆଶାବାଡ଼ି, ୪୭ ଜଣଙ୍କୁ ଭତ୍ତା, ୧୭ ଜଣଙ୍କୁ ବସ୍ ପାସ ପ୍ରଦାନ କରାଯାଇଛି। ଏଥିସହ ଅସ୍ଥି, କର୍ଣ୍ଣ, ନାସା, ବଧିର, ମାନସିକ ବିକାରଗ୍ରସ୍ତଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶିବିରରେ ଡା. ସମ୍ବିତ ପାତ୍ର, ଡା. ଅଶ୍ୱିନୀ ସାହୁ , ଡା.ପ୍ରଦୀପ ଦାସ , ଡା.ବିଦେତି ଶିଖା, ଡା.ରାଜେଶ ପ୍ରସାଦ ପଣ୍ଡା, ଡା.ରାମଚନ୍ଦ୍ର ରାମ, ଡା.ବିଭୁଦତ୍ତ ସେଠୀ, ଡା. ତୃପ୍ତିରଞ୍ଜନ ଷଡ଼ଙ୍ଗୀ, ଡା.ଶିବପ୍ରସାଦ ସାହୁ, ଡା.ଘନଶ୍ୟାମ ସାହୁ, ନବଘନ ସେଠୀ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଏସ୍‌ଏସ୍‌ଓ ସୁବ୍ରତ କିଷାନ, ସହକାରୀ ଯନ୍ତ୍ରୀ ଅଭିମନ୍ୟୁ ବେହେରା ଓ ଈଶ୍ୱର ଚନ୍ଦ୍ର ବିଷୋୟୀ, ସ୍ମୃତି ସୁନା ସମସ୍ତ ଜେଇ ଓ ପଞ୍ଚାୟତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।



ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଉଛି।

# ଲାୟନ୍ସ କ୍ଲବର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ




ନବରଙ୍ଗପୁର,୩।୧୨ (ସଦାଶିବ ପ୍ରହରାଜ)

ଲାୟନ୍ସ କ୍ଲବ ନବରଙ୍ଗପୁର, ନନ୍ଦାହାଣ୍ଡି ଓ କ୍ଲାସିକ ନବରଙ୍ଗପୁର ପକ୍ଷରୁ ସ୍ଥାନୀୟ ତୃପ୍ତି ହୋଟେଲରେ ମିଳିତ ଭାବେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରାଯାଇଛି। ଲାୟନ୍ସ ଜିଲା ଗଭର୍ନର ଭାବେ ନବ ନିର୍ବାଚିତ ଇଞ୍ଜିନିୟର ଲାୟନ ଦିଲ୍ଲୀପ ଦାଶ ଏବଂ ଲାୟନ ଡ଼ ସଂଯୁକ୍ତା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ନବରଙ୍ଗପୁର ଲାୟନ୍ସ କ୍ଲବ ସଭାପତି ଲାୟନ ଜଗନ୍ନାଥ ମହାପାତ୍ରଙ୍କ ପୌରାହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଲାୟନ ଶ୍ରୀକାନ୍ତ ମହାନ୍ତି ଅତିଥିଙ୍କୁ ମଞ୍ଚକୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଗଭର୍ନରଙ୍କ ସହ ଅନୁଷ୍ଠାନର ପ୍ରତିଷ୍ଠିତ ସଦସ୍ୟ ଲାୟନ ଡ଼ଃ ଧନଞ୍ଜୟ ପଟ୍ଟନାୟକ, ଲାୟନ ଶ୍ରୀକାନ୍ତ ମହାନ୍ତି, ଲାୟନ ପି.ଏଲ୍. ମୂର୍ତ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ନବରଙ୍ଗପୁର ଲାୟନ କ୍ଲବ ସମ୍ପାଦକ ଲାୟନ ଭୁବନେଶ୍ୱର ସୁର ଧନ୍ୟବାଦ ଦେଇଥିଲେ।

# ବିଜୟ ଉତ୍ସବ ପାଳିଲେ ଭାଜପା କର୍ମକର୍ତ୍ତା

କାଳିମେଳା/ଚନ୍ଦାହାଣ୍ଡି, ୩।୧୨
(ଜୀବନ କୃଷ୍ଣ ଦାସ/ ଦିଲୀପ ଦାସ)

**୩ ରାଜ୍ୟ ନିର୍ବାଚନ ଫଳାଫଳ ଘୋଷଣା**

ଛତିଶଗଡ଼, ମଧ୍ୟପ୍ରଦେଶ, ତେଲେଙ୍ଗାନା, ରାଜସ୍ଥାନ ଓ ମିଜୋରାମରେ ବିଧାନସଭା ନିର୍ବାଚନ ପକ୍ରିୟା ଶେଷ ହୋଇ ରବିବାର ଫଳାଫଳ ଘୋଷଣା ହୋଇଛି । ଏଥିରେ ୩ ରାଜ୍ୟରେ ଭାଜପା ବିଜୟ ଲାଭ କରି ସରକାର ଗଠନ କରିବାକୁ ଯାଉଛି। ରବିବାର କାଳିମେଳା ବ୍ଲକ ସଦରରେ ଭାରତୀୟ ଜନତା ପାର୍ଟି ତରଫରୁ ବିଜୟ ଉତ୍ସବ ପାଳନ କରାଯାଇଛି । ୩୨୬ ନମ୍ବର ଜାତୀୟ ରାଜପଥ କାଳିମେଳା ମୁଖ୍ୟ ଛକ ନିକଟରେ ବହୁ ଭାଜପା କର୍ମୀ ଏକଜୁଟ ହୋଇ ବାଣ ଫୁଟାଇ ମିଠା ବାଣ୍ଟି ବିଜୟଉତ୍ସବ ପାଳନ କରିଥିଲେ। କାଳିମେଳା ମଣ୍ଡଳ ସଭାପତି ରତ୍ନାକର ପାଣିଗ୍ରାହୀଙ୍କଙ୍କ ନେତୃତ୍ୱରେ ବିଧାୟକ ପ୍ରତିନିଧି ରାଜକିଶୋର ମଣ୍ଡଳ, ଜିଲ୍ଲା ସମ୍ପାଦକ ସପନ କୁମାର ରାୟ, ପୂର୍ବତନ ସରପଞ୍ଚ ବଜା ମାଡକାମି, ଶ୍ୟାମଳ ଭୌମିକ, ବିଶିକେଶନ ଦାସ, ନରହରି ପ୍ରଧାନ, ଶ୍ରୀନିବାସ ଘରାମି, ରମେଶ ବିଶ୍ୱାସ ଓ ଉତ୍ତମ ପାଣ୍ଡେଙ୍କ ସହ ଅନ୍ୟାନ୍ୟ ଭାଜପା କାର୍ଯ୍ୟକର୍ତ୍ତା ସାମିଲ ହୋଇ ଥିଲେ ।

ଛତିଶଗଡ, ରାଜସ୍ଥାନ, ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ ଭାଜପା ବହୁମତ ହାସଲ କରି ସରକାର ଗଢୁଥିବାରୁ ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକରେ ଭାଜପା ନେତା ଓ କର୍ମୀ ଖୁସି ମନାଇଛନ୍ତି। ଜିଲ୍ଲା ଆଦିବାସୀ ମୋର୍ଚ୍ଚା ସଭାପତି ଶ୍ୟାମସୁନ୍ଦର ମାଝିଙ୍କ ନେତୃତ୍ୱରେ ଶତାଧିକ ଭାଜପା କାର୍ଯକର୍ତ୍ତା ଚନ୍ଦାହାଣ୍ଡି ବସ୍‌ଷ୍ଟାଣ୍ଡରେ ଏକାଠି ବାଣ ଫୁଟାଇ ଖୁସି ପ୍ରକାଶ କରିଛନ୍ତି। ଏହି ସମୟରେ ରାୟଗଡା ପ୍ରଭାରୀ ଗୋବିନ୍ଦ ଜୈନ, ଜିଲ୍ଲା କାର୍ଯକାରିଣୀ ସଦସ୍ୟ ଦିଲୀପ ଦାସ, ଅକାଲୁ ଜାଲି, ମଣ୍ଡଳ ସଭାପତି ପ୍ରତାପ ବାଘ, ମୋହନ ନାୟକ, ମହିନ୍ଦ୍ର ନାୟକ, ବସନ୍ତ ମାଝି, ମୁରଲୀ ପୋଡ଼, ଦଶରଥ ଧୁରୁଆ, ଯୁବମୋର୍ଚ୍ଚା ସଭାପତି ଭୋଦେବ ବାଘ, ପ୍ରଭାତ ସୁନା, ସୁରେଶ ପୋଡ଼, ଅତବଳ ସୋରି, ମାନସିଂ ଚୌହାନ, ଲଟୀନ ବାଘ, ଗମନ ଗଇତା, ଲୋଚନ କଟା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଛତିଶଗଡ ସୀମାକୁ ଚନ୍ଦାହାଣ୍ଡି ବ୍ଲକ ଲାଗି ଥିବାରୁ ତାଙ୍କ ନିର୍ବାଚନରେ ଏଠାରୁ ବହୁ କାର୍ଯକର୍ତ୍ତା ସେଠାକୁ ଯାଇ ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ।



ମାଲକାନଗିରି ଜିଲା କାଳିମେଳା ଓ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡିରେ ଭାଜପା କର୍ମୀମାନେ ବିଜୟ ଉତ୍ସବ ପାଳନ କରୁଛନ୍ତି।

# ମୃତ୍ତିକା କ୍ଷୟ, ଦୂଷିତ ପରିବେଶର କାରଣ: ପରିବେଶବିତ୍

ମାଲକାନଗିରି,୩।୧୨ (ଦୁର୍ଯ୍ୟୋଧନ ପାତ୍ର)

ସରକାର ରାଜସ୍ୱ ବୃଦ୍ଧି ପାଇଁ ମୃତ୍ତିକା ଏବଂ ପରିବେଶକୁ ନଷ୍ଟ କରୁଛନ୍ତି। ଉନ୍ନୟନ କାର୍ଯ୍ୟ ପାଇଁ ଜଙ୍ଗଲ ନଷ୍ଟ, କଳ କାରଖାନା ସ୍ଥାପନ, ଗୃହ ନିର୍ମାଣ ପାଇଁ ମାଟି ଇଟା ବ୍ୟବହାର ମୃତ୍ତିକା କ୍ଷୟ ଓ ଦୂଷିତ ପରିବେଶ ସୃଷ୍ଟି କରୁଥିବା ଅନେକ ପରିବେଶବିତ୍ ମତ ଦେଇଛନ୍ତି। କୃଷକମାନଙ୍କ କୃଷି ଉତ୍ପାଦନରେ ମାଟି ଏବଂ ଉପଯୁକ୍ତ ଜଳବାୟୁର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ଜନ ସଚେତନତା ସହ ମୃତ୍ତିକା ସଂରକ୍ଷଣ ଉପରେ ବିଭିନ୍ନ କଟକଣା ଲାଗୁ କରିଛନ୍ତି। କୃଷକମାନଙ୍କ ପାଇଁ ମାଟି ହେଉଛି ମା'। ଯଦି ଏହି ମାଟିର ଅବକ୍ଷୟ ହୁଏ କୃଷି ଉତ୍ପାଦନ ବାଧାପ୍ରାପ୍ତ ହେବ। ବର୍ତ୍ତମାନ ପ୍ରାୟତଃ ଜଙ୍ଗଲ କ୍ଷୟ, ମୃତ୍ତିକା କ୍ଷୟ, ଏହାର ଅପବ୍ୟବହାର ଯୋଗୁ ଜଳବାୟୁ ପରିବର୍ତ୍ତନ ସହ କୃଷି ଉତ୍ପାଦନରେ ଅଧିକ ଅମଳ ପାଇଁ ରାସାୟନିକ ସାର ବ୍ୟବହାର କରାଯାଉଛି। ଯଦି ରାଜସ୍ୱ ବୃଦ୍ଧିକୁ ନେଇ ଆଗାମୀ ଦିନରେ ମୃତ୍ତିକା କ୍ଷୟକୁ ରୋକା ନ ଯାଏ, ଆଗାମୀ ଦିନରେ ଖାଦ୍ୟ ସଂକଟ ସହ ଜଳବାୟୁ ପରିବର୍ତ୍ତନ ଭୟଙ୍କର ରୂପ ନେବ ବୋଲି ପରିବେଶବିତ୍‌ମାନେ ସତର୍କବାଣୀ ଶୁଣାଇଛନ୍ତି।



ଏହାର ଉଦାହରଣ ମାଲକାନଗିରି ଏକ ଜଙ୍ଗଲ ବହୁଳ ଅଞ୍ଚଳ । ଏଠାରେ ବିଭିନ୍ନ କାରଣରୁ ଜଙ୍ଗଲ କ୍ଷୟ ହେବାରେ ଲାଗିଛି । ଏହା ବାଲିମେଳା ଜଳଭଣ୍ଡାର ହେଉ, ପୋଟେରୁ ଜଳସେଚିତ କେନାଲ ହେଉ, ଏସ୍‌ଆର୍ କମ୍ପାନୀର ପାଇପ ଲାଇନ ହେଉ, ଶରଣାର୍ଥୀଙ୍କ ଥଇଥାନ, ବିଜୁଳି ଆଲୋକ, ଟେଲିଫୋନ ଏବଂ ଦୂରଦର୍ଶନ ଟାୱାର, ନୂତନ ରାସ୍ତା ନିର୍ମାଣ ଓ ସମ୍ପ୍ରସାରଣରେ ହଜାର ହଜାର ଏକର ଜଙ୍ଗଲ ନଷ୍ଟ ହେଉଛି, ଯାହାର କୁପ୍ରଭାବ ଜଳବାୟୁ ଉପରେ ପଡୁଛି। ଗ୍ରାମଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ଇଟା ବ୍ୟବସାୟୀମାନେ ସରକାରଙ୍କ କୌଣସି ନିୟମକୁ ବେଖାତିର କରି ମାଟି ଇଟା ପ୍ରସ୍ତୁତ କରି କାଠ, ତସୁ ଓ କୋଇଲା ଦ୍ୱାରା ପୋଡାଯାଉଥିବା ଦେଖିବାକୁ ମିଳିଛି। ଫଳରେ ଏହି ଦୂଷିତ ଧୂଆଁ ପରିବେଶ ଉପରେ କୁପ୍ରଭାବ ପକାଉଛି। ତେଣୁ ରୋଗୀ ଓ ବିଭିନ୍ନ ରୋଗ ବୃଦ୍ଧି, ସ୍ୱାଦ ଯୁକ୍ତ କୃଷି ସାମଗ୍ରୀ ଉତ୍ପାଦନରେ ବାଧା ସୃଷ୍ଟି ହେଉଛି। ସରକାର ମାଟି ଇଟା ପ୍ରସ୍ତୁତ ଉପରେ ପ୍ରତିବନ୍ଧକ ଲଗାଇଥିଲେ ମଧ୍ୟ ଏହା କେବଳ ସରକାରୀ କାର୍ଯ୍ୟାଳୟ ନିର୍ମାଣରେ ବ୍ୟବହାର କରାଯାଉଛି। କିନ୍ତୁ ସାଧାରଣ ଲୋକମାନେ ସିମେଣ୍ଟ ଇଟା ବଦଳରେ ମାଟି ଇଟା ବ୍ୟବହାରକୁ ପସନ୍ଦ କରୁଥିବା ପ୍ରସ୍ତୁତକାରୀ ବ୍ୟବସାୟୀ ସରକାରୀ ଜାଗାକୁ ଚଞ୍ଚକତା କରି ଜିଲାରେ ହଜାର ହଜାର ଇଟା ଭାଟି ବେଆଇନ ଭାବେ ଚାଲିଛି। ଯାହାଦ୍ୱାରା କି ଉର୍ବର ମୃତ୍ତିକା ହ୍ରାସ ପାଇବା ସହ ଜଳସ୍ତର ନିମ୍ନଗାମୀ ହେଉଛି। ରାଜସ୍ୱ ବିଭାଗ ଏ ସବୁ ଦେଖୁଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ନ ଦେବା ଦ୍ୱାରା ମାଟି ଇଟା ପ୍ରସ୍ତୁତି ବ୍ୟବସାୟୀଙ୍କର ପ୍ରାଦୁର୍ଭାବ ଦିନକୁ ଦିନ ବୃଦ୍ଧି ପାଉଛି। ରାଜସ୍ୱ ନିରୀକ୍ଷକମାନେ ମାଟି ଇଟା ଭାଟି ମାଲିକଙ୍କଠାରୁ କିଛି ପରିମାଣର ରାଜସ୍ୱ ଆଦାୟ କରି ସରକାରଙ୍କୁ ରାଜସ୍ୱ ଦେଉଥିବା ନଜିର ଥିଲେ ମଧ୍ୟ ଶତ ପ୍ରତିଶତ ରାଜସ୍ୱ ଆଦାୟ ହେଉ ନ ଥିବା ଚର୍ଚ୍ଚା ହେଉଛି।

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକରେ ଅଧିକ ମାଟି ଇଟା ପ୍ରସ୍ତୁତକାରୀ ବ୍ୟବସାୟୀ ସରକାରଙ୍କ ଆଇନକୁ ବେଖାତିର କରୁଥିବା ଜଣାପଡିଛି। ଏ ସମ୍ବନ୍ଧରେ କୋରୁକୋଣ୍ଡା ରାଜସ୍ୱ ନିରୀକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ କୌଣସି ମାଟି ଇଟା ବ୍ୟବସାୟୀ ବିଭାଗୀୟ ଅନୁମତି ନେଇ ନାହାନ୍ତି। ତେବେ ବେଆଇନ ଭାବେ ଇଟା ପ୍ରସ୍ତୁତ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ତଦନ୍ତ କରା ଯାଇ ସରକାରଙ୍କ ନିୟମ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

